ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ । ଚତୁର୍ଥ ସଂଖ୍ୟା । ଅପ୍ରେଲ ୨୦୨୨



AMARISATYA ଆମରିସତ୍ୟ
Estd.: 2006
ODISHA

# ଆମରି ସତ୍ୟ


**ମାର୍ଗଦର୍ଶକ :**
ଡ. ପ୍ରମୋଦ ଚନ୍ଦ୍ର ଦାଶ

**ଉପଦେଷ୍ଟା ମଣ୍ଡଳୀ :**
ବିଭୁପ୍ରସାଦ ହରିଚନ୍ଦନ
ଡ. ରଶ୍ମୀରଞ୍ଜନ ନାଥ
ନିଶିକାନ୍ତ କହଲସିଂହ

**ସମ୍ପାଦକ :**
ସମରଜିତ ପଟ୍ଟନାୟକ

**ସହଯୋଗୀ ସମ୍ପାଦକ ମଣ୍ଡଳୀ :**
ବାବାଜୀ ଜେନା
ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା :**
ରାଜୀବ ରଥ
ପ୍ରୀତମ ବଳିୟାରସିଂହ


## ସଂପାଦକୀୟ



ଓଡିଆ ପଞ୍ଜିକା ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହେଉଛି ବର୍ଷର ପ୍ରଥମ ସଂକ୍ରାନ୍ତି । ଏହି ସଂକ୍ରାନ୍ତିକୁ ଓଡିଆ ନବବର୍ଷ ଭାବେ ପାଳନ କରାଯାଏ । ଗ୍ରୀଷ୍ମର ଆରମ୍ଭ ହେତୁ ସୂର୍ଯ୍ୟତାପର ପ୍ରଖରତାର ହ୍ରାସ ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଦ୍ୱାରା ପଣାପାଣିର ବଣ୍ଟନ ସହ ଘରେ ଘରେ ପଣା ପାନ କରାଯାଏ । କେବଳ ଏତିକି ନୁହେଁ, ଉଦ୍ଭିଦ ଏବଂ ଜୀବଜଗତକୁ ଜଳ ଅର୍ପଣ ପାଇଁ ଏହା ଜଳ ସଂକ୍ରାନ୍ତି ଭାବେ ପରିଚିତ ।

ସାହିତ୍ୟକ୍ଷେତ୍ରରେ ସାରସ୍ୱତ ସମାରୋହ ଏବଂ ବିଷୁବ ମିଳନ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପାଳନ କରାଯାଇ କବିତା ପାଠ ସହ ସାହିତ୍ୟ ଚର୍ଚ୍ଚା ମାଧ୍ୟମରେ ଲେଖକ ଏବଂ କବିମାନଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି କରାଯାଏ । ସମାରୋହରେ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ନୂତନ କବି ଏବଂ ଲେଖକ ସୃଷ୍ଟି କରିବାର ପ୍ରୟାସ ନିଶ୍ଚିନ୍ତ ଭାବରେ ସ୍ୱାଗତଯୋଗ୍ୟ ।


**ଆମରି ସତ୍ୟ**
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ,
ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଗୋ ବରଷା ରାଣୀ | ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ | ୫ |
| ୨ . | ମୋ ଜୀବନ ଦୀପ | ପ୍ରସନ୍ନ ମଣ୍ଡଳ | ୬ |
| ୩. | ଜୀବନ ଗଣିତ | କବିଶ୍ରୀ ପ୍ରଦୀପ କୁମାର ସାହୁ | ୭ |
| ୪. | ସାତ ଜନମର ସାଥୀ | ଶ୍ୟାମ ସୁନ୍ଦର ବିଶ୍ୱାଳ | ୮ |
| ୫. | ମମତାର ମଧୁମତୀ | ବେଣୁଧର ସୂତାର | ୧୦ |
| ୬. | ଦୁନିଆଟା ଟଳମଳ | କୈଳାସ ଚ଼ନ୍ଦ୍ର ପାଢ଼ୀ | ୧୨ |
| ୭. | ବିଷୁବବୋଧ..... | ସୁକାନ୍ତି ମିଶ୍ର | ୧୩ |
| ୮. | ମୋ' ଭିତରେ ଚାଲିଛି | ମନୋଜ ମିଶ୍ର | ୧୪ |
| ୯. | ପବିତ୍ର ପଣା ସଂକ୍ରାନ୍ତି | ବାସନ୍ତୀ ଦେଈ | ୧୫ |
| ୧୦. | ସେ କବି ଟିଏ | ଡ. କାର୍ତ୍ତିକେଶ୍ୱର ଜେନା | ୧୬ |
| ୧୧. | ସରାଗର ସାରେଗାମା | ସୁରଞ୍ଜନ ପାତ୍ର | ୧୭ |
| ୧୨. | ବିଦ୍ରୋହୀ ମାଟିର ପୁଅ | ଶିଶିର କୁମାର ସ୍ୱାଇଁ | ୧୮ |
| ୧୩. | ନଷ୍ଟ ନୀଡ଼ର ପକ୍ଷୀ | ପୂର୍ଣ୍ଣ ଦାସ | ୧୯ |
| ୧୪. | ବସନ୍ତ ରାସ | ଜ୍ୟୋତିପ୍ରଭା ପଟ୍ଟନାୟକ | ୨୦ |
| ୧୫. | ସକାଳର ଜଣାଣ | ବିଜୟ କୁମାର ଜେନା | ୨୧ |
| ୧୬. | ପାଇକ ପୁଅକୁ ଜବାବ୍ ଦିଅ | ରୋଜାଲିନ୍ ପଟ୍ଟନାୟକ | ୨୨ |
| ୧୭. | ଆମେ ଉତ୍କଳୀୟ | ସୁଜାତା ପଟ୍ଟନାୟକ | ୨୩ |
| ୧୮. | ଜୀବନ | ଦିବାକର ନାୟକ | ୨୪ |
| ୧୯. | ଶେଷ ଅଭିସାର | ତାରାପ୍ରସାଦ ଜେନା | ୨୫ |
| ୨୦. | ଗୁହାରି ଶୁଣିମା ହେଉ | ସାଧନା ପଣ୍ଡା | ୨୬ |
| ୨୧. | ଥା' | ଡଃ ଚପଳା ପଣ୍ଡା | ୨୭ |
| ୨୨. | ଉତ୍କଳମଣି ଗୋପବନ୍ଧୁ | ପଦ୍ମନାଭ ପାଣିଗ୍ରାହୀ | ୨୮ |
| ୨୩. | ବିଜ୍ଞାପନ | ମାନସ ରଂଜନ ମହାପାତ୍ର | ୨୯ |
| ୨୪. | ବିଶ୍ୱ ମାତୃଭାଷା ଦିବସ | ବିଭୁପ୍ରସାଦ ହରିଚନ୍ଦନ | ୩୦ |
| ୨୫. | ଫଗୁଣ ଓ ବସନ୍ତ | ଡକ୍ଟର ସୁକାନ୍ତି ମହାପାତ୍ର | ୩୧ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ଫଗୁଣ ଆସିବା ପରେ | ଅଧ୍ୟାପିକା ସୌଦାମିନୀ ବେହେରା | ୩୨ |
| ୨୭. | ଜାଗି ଉଠ | ଶ୍ରୀମତୀ ରଶ୍ମିତା ନାୟକ | ୩୩ |
| ୨୮. | ସ୍ୱପ୍ନ | ଦୀପ୍ତି ଦେବଦର୍ଶିନୀ ସୂତାର | ୩୪ |
| ୨୯. | ଖରାପ କିଏ କୁହ | ହାସ୍ୟମୟୀ ରାଜ୍ | ୩୫ |
| ୩୦. | ବସନ୍ତ ବିଭବ | ଜୟଶ୍ରୀ ପଟ୍ଟନାୟକ | ୩୬ |
| ୩୧. | ମଣିଷ : ତିନି ପଦ | ଡ. ରଜତ କୁମାର ଷଡଙ୍ଗୀ | ୩୭ |
| ୩୨. | ୟୁକ୍ରେନ ମାଟିରେ ହୋଲି | ତ୍ରିଲୋଚନ ଦାସ | ୩୮ |
| ୩୩. | ଅୟୁତ ଯୁଗର ପ୍ରେମ | ରଞ୍ଜିତା ମିଶ୍ର | ୩୯ |
| ୩୪. | ତୁମେ | ସତ୍ୟ ନାରାୟଣ ମଲ୍ଲିକ | ୪୦ |
| ୩୫. | ପ୍ରେମିକା | ବୈଦ୍ୟନାଥ ଖିଲାର | ୪୧ |
| ୩୬. | ଚଇତ ଆସିଛି ଚଇତାଳି ସାଥେ | ଯମେଶ୍ୱର କହଲସିଂହ | ୪୨ |
| ୩୭. | ଅନ୍ଧ ପ୍ରେମିକର ଗୀତ | ନିଶିକାନ୍ତ କହଲସିଂହ | ୪୩ |
| ୩୯. | ଅବଳା | ଆରତି ମଞ୍ଜରୀ ଦାଶ | ୪୪ |
| ୪୦. | ମାଟି | ଆରାଧନା ଦାଶ | ୪୫ |
| ୪୧. | ମୋ ଓଡିଶା | ଶ୍ରୀଯୁକ୍ତ ମହେଶ୍ୱର ସାହୁ | ୪୬ |
| ୪୨. | ସୁମନ | ଶୋଭାଗିନୀ  ନନ୍ଦ | ୪୭ |
| ୪୩. | ଦିଗବଳୟକୁ ଆଖି | ଆଶୁତୋଷ ମେହେର | ୪୮ |
| ୪୪. | ଲୁହ | ଶୁଭେନ୍ଦୁ ସାହୁ | ୪୯ |

# ଗୋ ବରଷା ରାଣୀ

ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ



ବରଷା ରାଣୀର ଓଦା ଶାଢ଼ୀ ତଳେ
ଛପି ଛପି ଆସେ ଶିରାବଣ,
ନୀଳକୁ କରଇ ଘନନୀଳ
ଆଉ ମରଣରେ ଭରେ ଯଉବନ ।

ଉତରା ମେଘର ଆବାହନୀ ଗାଏ
ମାଟି ତଳେ ଥିବା ଅଙ୍କୁର...
ସବୁଜ ବିପଣୀ ସଜାଏ ସୋହାଗେ
ମରୁକୁ କରେ ସେ ସୁନ୍ଦର ।

ସୋହାଗିନୀ ହୁଏ ଧରଣୀ ସୁନ୍ଦରୀ
ସୀମନ୍ତେ ଝଟକେ ବିଜୁଳୀ,
ଆବହ ସଙ୍ଗୀତ ଡ଼ାହୁକ କଣ୍ଠରେ
ବେଙ୍ଗୁଲି ଦିଏ ହୁଳହୁଳି ।

ବଉଦ ପାଟରେ ଫୁଟିଉଠେ କେତେ
ନୂଆ ଦିଶା ନୂଆ ନୀଳକଇଁ,
ଭୂମି ଓ ଭୂମାର ମିଳନ ମହକ
ଚାଲିଯାଏ ପ୍ରୀତି ଛାତି ଛୁଇଁ ।

ଗୋ ବରଷା ରାଣୀ ତୁମେ ତ ଅପସରୀ
ଆସିବ ଧରାକୁ ଅବତରୀ,
ଜୀବନ ମରୁରେ ବସିଛି ସୁନ୍ଦରୀ
ତୁମରି ପଥକୁ ଅନୁସରୀ ।

# ମୋ ଜୀବନ ଦୀପ

ପ୍ରସନ୍ନ ମଣ୍ଡଳ



ମୋ ଜୀବନ ଦୀପ
ତେଜିଦିଅ ପ୍ରଭୁ
ଜୀବ ଥିବାଯାଏଁ ଜଳୁଥିବି
ନଶୁଖିବ କେବେ
ମୋ ହୃଦ ସଳିତା
ଯେତେ ଜଳିଲେ ବି ବଳୁଥିବି ।

ମାଟି ଦୀପାଳି ଏ
ମାଟିର ଶରୀର
ପଡିଗଲେ କାଳେ ଭାଙ୍ଗିଯିବ
ତୋଳି ଧରିଥିବ
କାଳକାଳ ପାଇଁ
ବନ୍ଧୁପଣ ଭାବ ଲାଗିଥିବ ।

ଝଡ ବତାସରେ
ଜଗିଥିବ ଟିକେ
ପବନରେ କାଳେ ଲିଭିଯିବି
କମିଗଲେ ତେଲ
ଜମିଯିବ କାଣ୍ଟି
ଶୁଖିଗଲେ କାଳେ ଦବିଯିବ ।

ପୁଲକିତ ଚିତ୍ତେ
ଆଲୋକ ବିତରି
ପ୍ରିୟ ପରିଜନ ତୋଷୁଥିବି
ନଲିଭିବା ଯାଏଁ
ଜୀବନ ପ୍ରଦୀପ
ନିତି ତୁମ ନାମ ଘୋଷୁଥିବି ।

ସରିବନି ତେଲ
ମରିବନି ଧାସ
ରାତିସାରା ଭିଜି ଭାସୁଥିବି
ମରଣ ଯାଏଁ ମୁଁ
ମଣିଷ ପଣରେ
ସଜଫୁଲ ପରି ବାସୁଥିବି ।

କୋଟପଲ୍ଲା, ଖୋର୍ଦ୍ଧା

# ଜୀବନ ଗଣିତ

କବିଶ୍ରୀ ପ୍ରଦୀପ କୁମାର ସାହୁ



ଜୀବନ ଗଣିତ
ଅଟଇ ବିଚିତ୍ର
କେବେ ଯେ ମିଶାଣ କେବେ ଫେଡ଼ାଣ
ତା ମଧ୍ୟରେ ପୁଣି
ଗୁଣନ ହରଣ
କରିବୁ ଧନରେ ତୁ ସମାଧାନ ।।

ରଖି ଧୈର୍ଯ୍ୟ ଗୁଣ
ହୋଇବୁ ମହାନ
କୋହକୁ ଚାପିଣ ବାଣ୍ଟିବୁ ସୁଖ
ହୃଦୟ ପସରା
ସବୁଠୁ ନିଆରା
ପଥର ପରାଏ ଭାବିକି ଦେଖ ।।

ମହାକାଳ ଫଳ
ବାହ୍ୟକୁ ସୁନ୍ଦର
ଭିତର ତାହାର କଦର୍ଯ୍ୟ ରୂପ
ଉପଭୋଗ କଲେ
ସବୁ ଜାଣି ହୁଏ
ଦୁଃଖ ଭରି ଦିଏ ହୃଦେ ଅମାପ ।।

ସୁଖ ଦୁଃଖ ନଇ
ବୋହୁଅଛି ସେହି
କେବେ ବଙ୍କା ପୁଣି କେବେ ସଳଖ
ବାଟ ଚାଲୁ ଚାଲୁ
ଥକି ପଡିବାନି
ଶିଖିବା ଆମେରେ ଜୀବନ ଯାକ ।।

ପଥର ପରିକା
ରହିଲେ ସଂସାରେ
ଜିଣିବୁ ଦିନେରେ ଭାବିକି ଦେଖ
ପ୍ରଭୁଙ୍କୁ ସମର୍ପି
ଦିନ କଟାଇଲେ
ନିଶ୍ଚୟ ବୁଝିବେ ଜଗତ ନାଥ ।।

ଶିକ୍ଷକ
ସରସରା, ବୌଦ୍ଧ

# ସାତ ଜନମର ସାଥୀ



**ଶ୍ୟାମ ସୁନ୍ଦର ବିଶ୍ୱାଳ**

ଠକିଦେଲୁ କିଆଁ   ଆଲୋ ପ୍ରାଣପ୍ରିୟା
ଅଧାବାଟେ ଦେଲୁ ଛାଡ଼ି
ଶହେ ଜନମର   ସମ୍ପର୍କ ଆମର
ଜୁଇରେ ଗଲା ମଉଳି ।।

ପ୍ରଥମ ଦେଖାରେ   ମୋ ମନ ଭିତରେ
କରିଥିଲୁ ଘରଟିଏ
ଆଉ କାହା ଛବି   ପାରିନାହିଁ ଭାବି
ଚକୋର,ଚକୋରୀ ଦୁହେଁ ।।

ଭଦ୍ରଲୋକ ନେଇ   ଯେବେ ଥିଲି ଯାଇ
ଆସିଥିଲୁ ମଥା ପୋତି
କୋଇଲି କୂଜନ   କଥା ମିଠା ଗାନ
ରାଜହଂସୀ ଚାଲି ସାଥୀ ।।

ଦେଖି ତୋର ଚାଲି   ହଂସ ଯାଏ ହାରି
ହସରେ ରମ୍ଭା, ମେନକା
ଶୁଣି ତୋର ସ୍ୱର   ଲୁଚଇ କୋକିଳ
ହରିଣୀ ନେତ୍ର ଜଳକା ।।

ପାଲିଙ୍କି ଉଠିଲା   ସ୍ୱପ୍ନ ସତ ହେଲା
ବାଣ, ରୋଶଣୀ ଜାଳିଲି
ଚୁପିଚୁପି କଥା   ଲାଜକୁଳି ଲତା
ଚାଲୁଥିଲୁ ଥିରିଥିରି ।।

ଅଗ୍ନି ସାତଘେରା   ସାଥିହୋଇ ପରା
କରିଥିଲେ ପ୍ରଦକ୍ଷିଣ
ସାରା ଜନମର   ସାଥୀ ହେଲି ତୋର
ରଖିବି ମର୍ଯ୍ୟାଦା ମାନ ।।

ଦଶଦୋଷ କ୍ଷମା   ରାଗିବିନି ଜମା
ବେଦୀରେ କରିଲି ସତ୍ୟ
ଖେଳିଲି କଉଡ଼ି   ପାରିଲିନି ଖୋଲି
ହେଲି ପାଶେ ପରାଜିତ ।।

ମଧୁଶଯ୍ୟା ରାତି   ଛୁଇଁ ବାସ ବତୀ
ମୋ ପାଶେ କରିଲୁ ସତ୍ୟ
ଶଙ୍କର ଗଉରୀ   ରାମ, ସୀତା ପରି
ଛାଡ଼ିବୁନି ମୋର ହାତ ।।

ପୀରତି ସିନ୍ଦୁକ   ହେଲି ତୋ ରସିକ
ଜାୟା, ଜନନୀ, ଭଗିନୀ
ଏତେ ଶୀଘ୍ର କିଆଁ   ଛାଡ଼ିଗଲୁ ପ୍ରିୟା
ମୁଁ ତୋତେ ପାରୁନି ଭୁଲି ।।

କେଶବତୀ କନ୍ୟା   ହୁଏ ଆନମନା
କେଶ ତୋ ଚିଳିକା ଢେଉ
ପଦ୍ମିନୀ ନାୟିକା   ମୋ ମନ ରସିକା
ହସରୁ ଝରଇ ମହୁ ।।

ମୋ ଶେଯ ପାଖରେ   ଅତି ଯତନରେ
ତୋ ପାଇଁ ପାରେ ବିଛଣା
ଆସିବୁକି ନାହିଁ   ଜାଣିପାରେ ନାହିଁ
ରହି ପାରେନା ତୋ' ବିନା ।।

ଦୁଇ ଥାଳି ଅନ୍ନ   ବାଢୁଅଛି ଧନ
ତୁ' ଖାଉନାହୁଁ ବୋଲି
ଦୂରେ ଥାଇ ସାଥୀ   ରହିଚୁ କେମିତି
ଅଧା ଖାଇ ଯାଏ ଚାଲି ।।

ତୋ ସବୁଜ ସ୍ମୃତି    ରଖିଚି ସାଇତି
ତୋ ହାତ ଲେଖା କବିତା
ହରିଣୀ ଚାହାଣି    ଭୁଲି ତ ପାରୁନି
ହସରେ ଗଜ ମୁକୁତା ।।

ତୋର ପାଟଶାଢ଼ି    ନାଲି ଶଙ୍ଖା ଗୋରୀ
ଦେହରେ ଗୁଡ଼େଇ ହୁଏ
ତୋର ଉପସ୍ଥିତି    ତୋ' ମଧୁର ସ୍ମୃତି
ଯେବେ ମନେ ପଡ଼ିଯାଏ ।।

ଛାଡ଼ିଗଲୁ ସାଥୀ    କୁମର ସନ୍ତତି
ତାକୁ ଦେଖି ଦିନ ଯାଏ
ତା' ପାଇଁ ମୁଁ ପିତା    ସାଜିଅଛି ମାତା
ଆଖି ଲୁହ ଓଠ ପିଏ ।।

ତୁ' ନାହୁଁ ବୋଲି    ସବୁ ଯାଏ ଭୁଲି
ଘଡ଼ି, ପର୍ସ,ଦୂରଭାଷ
ଖାଲି ଯାଯାବର    ଜୀବନଟା ମୋର
ଭୁଲି ବି ଯାଇଚି ହସ ।।

ସମାଧି ପାଖରେ    ଗଢ଼ିଚି ସାଥୀରେ
ମୋହରି ସମାଧିଟିଏ
ସରଗପୁରରେ    ରଖିଥା ସାଥୀରେ
ମୋ' ପାଇଁ ଜାଗାଟିଏ ।।

ଅଥଳ ସାଗର    ବାରେ ପାରିକର
ମୁଁ ନାଉରୀ, ତୁ ନାୟିକା
ଭାବେ ସବୁଦିନ    ଆମେ ଦୁଇଜଣ
ପ୍ରେମିକ ଆଉ ପ୍ରେମିକା ।।

ଶିକ୍ଷକ
ବଡ଼ପାରି, ଖୋର୍ଦ୍ଧା
ମୋ - ୮୯୦୮୯୭୬୪୪

# ମମତାର ମଧୁମତୀ

ବେଣୁଧର ସୂତାର



ଆକାଶ ନୀଳିମା ତଳେ
ବିମୁଗ୍ଧ ଧରଣୀ କୋଳେ
ସବୁଜ ମାୟାର ସେଇ
ମିଠା ମିଠା ମଧୁଭରା
 ମୁଗ୍ଧ ଅନୁଭୂତି
କେତେ ହୀରା ମୋତି ଝରା
ସ୍ୱପ୍ନିଳ ଆବେଗ ଭରା
ଅନୁପମ ସୃଷ୍ଟିର ଏ
କମନୀୟ ପ୍ରାଣମୟ
 ଜୀବନ ଜ୍ୟାମିତି ।।

ରମଣୀୟ ରୂପସାର
ସୃଷ୍ଟି ସୁଧା ସମଷ୍ଟିର
ବିପୁଳ ପୃଥିବୀ ଅଙ୍ଗେ
ମାୟା ମୁଗ୍ଧ ବୈଭବର
 ସ୍ୱପ୍ନ ଚାରୁଚିତ୍ର
ପ୍ରକୃତିର ଅଭିଯାନ
ଜୀବନର ଉପାଦାନ
ପବିତ୍ର ଶାଶ୍ୱତ ଶାନ୍ତ
କମନୀୟ ସୌନ୍ଦର୍ଯ୍ୟର
 କମନୀୟ ଗାତ୍ର ।।

ଶୀତଳ ଅମିୟ ବାତେ
ବସନ୍ତର ପଦପାତେ
ଭିଜା ଭିଜା ନୀଳସ୍ୱପ୍ନ
ମୃଦୁ ଛନ୍ଦାୟିତ ଏଇ
 ମହୀ ମହୀୟସୀ
ଝରା ବଉଳର ବାସେ
କୁସୁମର ମଧୁ ହାସେ
ମାୟାବିନୀ ନିଶିଥିନୀ
ଚାରୁ ଚନ୍ଦ୍ରହାସୀ ସେଇ
 ନୀଳାକ୍ଷି ରୂପସୀ ।।

ଏସୃଷ୍ଟିର ରୂପକାର
ନୈସର୍ଗୀକ ସୁଷମାର
ଭୂମି ଠାରୁ ବ୍ୟାପି ଭୂମା
ଏ ଧରଣୀ ମନୋରମା
 ପ୍ରତ୍ୟୁଷ ପ୍ରଦୋଷ
ଯା ବକ୍ଷ ଅମୃତ ଧାରା
ମମତା ମଧୁରେ ଭରା
ଚିରନ୍ତନୀ ବସୁନ୍ଧରା
ପ୍ରକୃତି ତା କରୁଣାର
 ଅମୃତ କଳସ ।।

ସରିତ ମୃଦୁ ଗାମିନୀ
ବନାନୀ ଚାରୁ ହାସିନୀ
ବିମୁଗ୍ଧ ଜ୍ୟୋସ୍ନା ଯାମିନୀ
ସ୍ନିଗ୍ଧ ସୁଷମା ଶୋଭିନୀ
ଶୁଭ୍ର ଶାରଦୀୟ ଏଇ
ମହା ମହୋତ୍ସବ
ନୀଳ ଶ୍ୟାମଳ ଦ୍ୟୁତି
ଏ ଧରଣୀ ମଧୁମତୀ
ଚନ୍ଦ୍ରିକା ଚନ୍ଦନ ଧାରା
ମାଧୁର୍ଯ୍ୟର ମଧୁକ୍ଷରା
ମମତା ପୁରିତ ଧରା
ଦିବ୍ୟ ବଇଭବ ||

ଶୌର୍ଯ୍ୟ ସୁଧା ଐଶ୍ୱର୍ଯ୍ୟର
ଅଙ୍କିତ ଓଁକାର ସୁର
ରୂପସୀ ପ୍ରକୃତି ଶୋଭା
ରୋମାଞ୍ଚିତ ମନଲୋଭା
ପ୍ରକୃତିର ଶୋଭା ନେଇ
ଧରା ଦିଶେ ଜ୍ୟୋତିର୍ମୟୀ
ମୃଦୁଳ ମଞ୍ଜୁଳ
ଏ ସୃଷ୍ଟିର କଳ୍ପ ଧାରା
ପ୍ରାଣ ପୀୟୂଷରେ ଭରା
ମମତା ପଣତ ତଳେ
ବାନ୍ଧି ଅଛି ସ୍ନେହ ଭୋଳେ
ବିତରି ପରମ ପ୍ରୀତି
ହସୁଥାଉ ବସୁମତୀ
ଅବା ଚିରକାଳ ||

କେଶଦୁରାପାଳ , କେନ୍ଦୁଝର
ଦୂରଭାଷ - ୯୧୭୮୫୬୮୨୪୬

# ଦୁନିଆଟା ଟଳମଳ

**କୈଳାସ ଚନ୍ଦ୍ର ପାଢ଼ୀ**



ଆଜି ଏ ମାଟିର
        ପୁର-ପଲ୍ଲୀରେ
ସହର ବଜାର
        ଗଳି କନ୍ଦିରେ
        ସଇତାନ୍ ମାଳ ମାଳ,
ପବନ ଦେହରେ
        ବିଷ ବୋଳିଲେଣି
ବିଛୁଆଟି ଆଉ
        ବାଇଡଙ୍କର ଫଳ ।।


ଚାରିଆଡ଼େ ଚାଲେ
        ମୃତ୍ୟୁ-ମନ୍ତ୍ରଣା
ସବୁଠିଁ ଶୁଭୁଚି
        ଯମ ଯନ୍ତ୍ରଣା
        ହୋ-ହଲ୍ଲା-ହଟ୍ଟଗୋଳ,
ଜୀବନ-ଆଧାର
        ଯେତେକ ଦରବ
ବିଷ-ପ୍ରକ୍ରିୟାରେ
        ପୁରିଛି ସେ ସର୍ବ
ବ୍ୟକ୍ତିକୈନ୍ଦ୍ରିକ
        ସ୍ୱାର୍ଥରେ ଆଜି
        ଦୁନିଆଟା ଟଳମଳ ।।

ଏଠି ଛାଗ କହେ ମୁଁ
        ବାଘ କହେ ମୁଁ
ଫାଗ ବି କହୁଛି ମୁଁ
        ମୁଁ------ମୁଁ------ମୁଁ
ଶବଦରେ ଖାଲି
        ସ୍ତବ୍ଧ ହୁଏ କାନ ମୂଳ
ଚଢ଼େୟା କହୁଛି
        ଆଲୋ ଚଢ଼େୟାଣୀ
        ପୁରିଲାଣି ବେଳକାଳ ।।

କୁମାର ପୁର, ଅନନ୍ତପୁର,
ବାସୁଦେବପୁର, ଭଦ୍ରକ

# ବିଷୁବବୋଧ.....

ସୁକାନ୍ତି ମିଶ୍ର



ତୁମେ ଆସ ବୋଲି ମାଟି ଚଉରା ମୋ
ଚାଞ୍ଚ ଛାଇତଳେ ହସେ...
ଆମ୍ବ ଲଙ୍କାଆମ୍ବ ଝୁଲା ଝୁଲଣାରେ
ମହମହ ସତେ ବାସେ...!!

ତୁମେ କଦଳୀର ପାଟୁକା ଝୁଲାରେ
ମାଟିଠେକି ବସୁନ୍ଧରା ....
ନବ ସୃଜନର ଚମକରେ ତୁମେ
ଚିକିମିକି ଝାଞ୍ଜିଖରା.....

ଶୋଷ ଯାଏ ରୁଷି ବିଷୁବର ତିଥି
ଯାଚିଦିଏ ଯେବେ ପଣା ...
ନିରିମମ ଖରା ଦକ୍ଷିଣା ପବନେ
ହୁଏ ଖାଲି ବାଟବଣା....

ମଧୁମାଳତୀର ଗୁଛା ଗଜରାରେ
ଋତୁ ବାନ୍ଧୁଥାଏ ଜୁଡା....
ଝାଳ ଝୋଟିଚିତା ପାରୁଥାଏ ଖରା
ବୁଲି ବୁଲି ଗାଆଁସାରା.....
ତୁମେ ଆସ ବୋଲି ନିରୋଳା ସଞ୍ଜ
ହଜିଯାଏ ନଈକୂଳେ....
ଦିପହର ଖରା କଡ ଲେଉଟାଏ
ଝଙ୍କା ଗଛଛାଇ ତଳେ....

ସଜ ମଲ୍ଲୀଫୁଲ ଆଞ୍ଜୁଳିରେ ତୁମେ
ସ୍ୱାଗତର ମଧୁଗୀତି ....
ମିତ୍ରମେଘର ମାଙ୍ଗଳିକା ତୁମେ
ଭରସାର ପ୍ରତିଶ୍ରୁତି .....

"ସମ୍ପର୍କ"
ସାରସ୍ୱତ ନଗର,
ସିଦ୍ଧ ମହାବୀର, ପୁରୀ-୨
ମୋ - ୭୮୯୪୩୭୫୭୫୧

# ମୋ' ଭିତରେ ଚାଲିଛି

ମନୋଜ ମିଶ୍ର



ମୋ ଭିତରେ ଚାଲିଛି ଗୋଟେ
ବଡ ବିତର୍କ
କାଇଁ ତୋ ସାଥେ ହେଲା....
ମୋ ଏତେ ସମ୍ପର୍କ
ଏବେ ଜିଇଁବା ହେଲାଣି ଦୁର୍ବିସହ
ତୋ ପ୍ରତୀକ୍ଷାରେ ବିତେ ମୋ ସମୟ
ହେଇ ପାରିଲିନି କାହିଁ ଟିକେ ସତର୍କ
ଏ ବଡ ବିତର୍କ......... ।୦।

ତୁ ଛାଇଗଲୁ ମୋ ଜୀବନରେ
ତୁ ଦେଖା ଦେଲୁ ନିତି ସପନରେ
ଲେଖିଦେଲୁ ତୋ ମୋ
ପ୍ରେମ ଜାତକ
ତୁ ହସର ବଇନା ଦେଲୁ ମୋତେ
ମୋ ଦୁନିଆ ମୁଁ ବିକିଦେଲି ତତେ
ହୃଦୟ ଥାକରେ ତୁ ମୋ
ବଡ ସନ୍ତକ
କାଇଁ ବାସିଲା ମତେ.....
ତୋ ପ୍ରୀତି ମହକ
ଏ ବଡ ବିତର୍କ .............।୧।

କହ ଶିଖିଲୁ କୋଉଠୁ ଏତେ ଯାଦୁ
ତୋ ଭାବନାରେ ବି ତ ଝରେ ମଧୁ
ସେ ମଧୁରେ ଭିଜୁଥିବି
ଜୀବନ ଯାକ
କେବେ ଭାବିଲୁକି ଜଣେ ଅଛି କେହି
ତୋ ବିନା ତାର ଆଉ କିଛି ନାହିଁ
ଦିନରାତି ଲୋଡ଼େ ସେ ତୋ
ପ୍ରେମ ଟିକକ
କାଇଁ ପାରୁନି ଭୁଲି.....
ତୋ ମିଠା କୁହୁକ
ଏ ବଡ଼ ବିତର୍କ ..........।୨।

ନୟାହାଟ, ପୁରୀ

# ପବିତ୍ର ପଣା ସଂକ୍ରାନ୍ତି

**ବାସନ୍ତୀ ଦେଇ**



ମହାନ ଆମର ଓଡ଼ିଆ ସଂସ୍କୃତି
ବାରମାସେ ତେର ପର୍ବ
ଚଇତ୍ର ମାସର ପଣା ସଂକ୍ରାନ୍ତିଟି
ଓଡ଼ିଆଙ୍କ ବଡ଼ ଗର୍ବ |୧|

ସୌରଗଣନାରେ ଓଡ଼ିଆ ପାଞ୍ଜିରେ
ପବିତ୍ର ପଣା ସଂକ୍ରାନ୍ତି
ମେଷ ସଂକ୍ରାନ୍ତି ଓ ଜଳ ସଂକ୍ରାନ୍ତି
ମହାବିଷୁବ ସଂକ୍ରାନ୍ତି |୨|

ଶ୍ରୀରାମଙ୍କ ଭକ୍ତ ବୀର ହନୁମନ୍ତ
ପବିତ୍ର ଜୟନ୍ତୀ ତିଥି
ତୁଳସୀ ବୃକ୍ଷରେ ବସୁନ୍ଧରା ଠେକି
ଶୋଭା ବର୍ଦ୍ଧନ କରେ ଟି |୩|

ବିଷୁବ ବୃତ୍ତରେ ସୂର୍ଯ୍ୟ ଅବସ୍ଥାନ
ପ୍ରଚଣ୍ଡ ରୌଦ୍ରତାପରେ
ବିଷୁବ ମିଳନ ଶୁଭ ଲଗନରେ
ସ୍ୱାଦିଷ୍ଟ ପଣା ପାଣିରେ |୪|

ନଡ଼ିଆ କଦଳୀ ଆମ୍ବ ବେଲ ଗୁଡ଼
ଛେନା ଛତୁଆର ପଣା
ଠାକୁରଙ୍କ ପାଶେ ଭୋଗ ଲାଗି ହୁଏ
ସଭିଏଁ ହୁଅନ୍ତି ବଣା |୫|

ନୂତନ ପଞ୍ଜିକା ପ୍ରଚଳିତ ହୁଏ
ଓଡ଼ିଆ ନବବର୍ଷରେ
ବିବାହ ଓ ବ୍ରତ ଆଦି ଶୁଭ କାର୍ଯ୍ୟ
ହୁଏ ପାଞ୍ଜି ଅନୁସାରେ |୬|

ଗ୍ରାମପଲ୍ଲୀ ପୁରେ ଠାକୁରାଣୀ ପୀଠେ
ଝାମୁ ଯାତ୍ରା ଅନୁଷ୍ଠିତ
କାକଟପୁରରେ ମାଆ ମଙ୍ଗଳାଙ୍କ
ଝାମୁ ଯାତରା ପ୍ରସିଦ୍ଧ |୭|

ଓଡ଼ିଶାର ଲୋକ ନୃତ୍ୟ ଦଣ୍ଡନାଚ
ଉଦଯାପନ ଦିବସରେ
ଦଣ୍ଡୁଆ ଭକତ ମାନସିକ ପୂର୍ଣ୍ଣ
ଚାଲନ୍ତି ନିଆଁ ଗାତରେ |୮|

ମନ୍ଦିର ପ୍ରାଙ୍ଗଣେ ନାମ ସଂକୀର୍ତ୍ତନ
ହୋମ ଯଜ୍ଞ ପ୍ରବଚନ
ସାରସ୍ୱତ ସଭା ବିଷୁବ ମିଳନ
ରାମାୟଣ ପାରାୟଣ |୯|

ଆଧ୍ୟାତ୍ମିକ ପୂର୍ଣ୍ଣ କବିତା ଆସର
ସଭିଙ୍କ ମନ ହରଷ
ଭାଇଚାରା ଆଉ ସଦଭାବନା ପର୍ବ
ଓଡ଼ିଆ ନବବରଷ |୧୦|

ସମ୍ବିଧାନ କର୍ତ୍ତା ବାବା ସାହେବଙ୍କ
ପବିତ୍ର ଜୟନ୍ତୀ ତିଥି
ଶାସନ ପ୍ରଣାଳୀ ଲିପିବଦ୍ଧ କଲେ
ରହିଛି ଅଭୁଲା ସ୍ମୃତି |୧୧|

ଜଗତର ନାଥ ପ୍ରଭୁ ଜଗନ୍ନାଥ
ଏତିକି କରୁଣା କର
ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି
ବଞ୍ଚି ରହୁ ଚିରକାଳ |୧୨|

**|| ଜୟ ଜଗନ୍ନାଥ ||**

# ସେ କବି ଟିଏ

ଡ. କାର୍ତ୍ତିକେଶ୍ୱର ଜେନା



ସେ ଲୁହରେ ବତୁରି ଗଲେ,
ଅନ୍ତଃସତ୍ୱା ହୁଏ କାଗଜ ଖଣ୍ଡିଏ,
ପିତୃତ୍ୱ ପାଏ କଲମ ଟିଏ,
ଆଉ ପେଟ ଫଟେଇ ବାହାରି ଆସେ
ଉଆଁସୀ କନ୍ୟା,
ଆଉ ତମେ ତାକୁ କୁହ କବିତାଟିଏ ।।

ସେ ଜାଣେନା,
ମୁକ୍ତିଠୁ କେତେ ଦୂରେ ତା' ଅସହାୟତା,
ସେ ସତରେ ଜାଣେନା,
ପ୍ରାପ୍ତିଠୁ ଠିକ କେତେ ଦୂରେ ତା' ବିବସତା
ସେ ଜାଣେ,
ରାହାଶୂନ୍ୟ ରାତ୍ରି ସହ ତା' ନିବିଡ଼ତା
ଶଯ୍ୟହୀନ ଶାନ୍ତି ସହ ତା' ଆତ୍ମୀୟତା
ଆଉ ସଜ୍ଞାହୀନ ସତ ସହ ସେ କରେ
ସମଝୋତା ।।

ସେ ଶିବ ନୁହେଁ,
ହେଲେ ଭାବକୁ ଭିଡି ଆଣି ଶବ ପାଲଟି ଯାଏ,
ନିଜକୁ ନିଜେ କେମିତି କେଜାଣି
ପୁଣି ଜୀବନ୍ୟାସ ଦିଏ
ଲୁହଲହୁକୁ ପୁଣି ଫେଣ୍ଟା ଫେଣ୍ଟି କରି
ପି' ଦେଇ ସେ ମାତାଲ ହୁଏ
ମହାଭାରତର ବାକି ରହି ଯାଇଥିବା
ଶେଷପର୍ବଟେ ପାଇଁ
ଅସଂଖ୍ୟ କ୍ଷତକୁ ଅନାୟାସରେ ଲୁଚେଇ,
ସେ ପୁଣି ଅଭିମନ୍ୟୁଟେ ହୁଏ
ପ୍ରାପ୍ତି ଅପ୍ରାପ୍ତିର ଦୋ'ଛକିରେ
ଦୁନିଆ ତା'କୁ "କବି" ଟିଏ କହେ ।।

ଟିଚର୍ସ କଲୋନୀ,
ବାଲିପଦର, ଗଞ୍ଜାମ

# ସରାଗର ସାରେଗାମା



ସୁରଞ୍ଜନ ପାତ୍ର

ଗୋଟିଏ ଫୁଲର ସପନ ପାଇଁ ମୁଁ
ଜାଳିଛି ହଜାରେ ରାତି
ଗୋଟିଏ ନଈର ଗୀତ ଶୁଣିବାକୁ
ଭୁଲିଛି ସାଗର ପ୍ରୀତି ।।୦।।

ଭରସା ପାଖେ ମୋ' ଲୋକ ଅଦାଲତ
ମୁଠାଏ ମାଟିର ଖେଳ
ମୁଁ ଜାଣେ ନିଜେ ଜୟ ପରାଜୟ
ପାଦ ତଳେ କେତେଜଳ।

ଇଚ୍ଛାରେ ମୋହର ସଜେଇଛି ତେଣୁ
ଭଲ ପାଇବାର ତିଥି
ଗୋଟିଏ ଫୁଲର ସପନ ପାଇଁ ମୁଁ
ଜାଳିଛି ହଜାରେ ରାତି ।।୧।।

ମନ ତ ନୁହଁଇ ମଉସୁମୀ ମେଘ
ଝଡ଼ପର ଝାଉଁବଣ
ମନ ତ ନୁହଁଇ ଉଁଆସୀ ରାତିର
ଅଧାଜଳା ଘଡ଼ିବାଣ।

ମନ ବଦଳରେ ମନ ପାଏ ସେହି
କଅଁଳ ଯାହାର ଛାତି
ଗୋଟିଏ ଫୁଲର ସପନ ପାଇଁ ମୁଁ
ଜାଳିଛି ହଜାରେ ରାତି ।।୨।।

ସଂପାଦକ - ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର - ୭୫୬୦୪୫
ମୋ - ୮୧୧୭୮୦୫୯୫୯

# ବିଦ୍ରୋହୀ ମାଟିର ପୁଅ

ଶିଶିର କୁମାର ସ୍ୱାଇଁ



କେତେ ଦିନ ଆଉ ନୀରବେ ବସିବା
ଚାରି କାନ୍ଥ ଆଢୁଆଳେ ,
ସାରା ଜଗତକୁ ଆଲୋକ ବିତରି
ବସିଛ କି ଦୀପ ତଳେ ।

କବି ରବି କବି ସମ୍ରାଟ୍ ବଂଶଜ
ଯାଇଛ ହେ ବନ୍ଧୁ ଭୁଲି,
ଗଞ୍ଜାମିଆ କହି କେତେ ଭାଷା ପ୍ରେମୀ
କରନ୍ତି ତୋତେ ଚୁଗୁଲି ।

ଯେଉଁ ମାଟି କୋଳେ ବିଶ୍ୱର ଆହାର
ହେଉଥିଲା ଯେ ଆଦାୟ,
ସେ ମାଟିର ପୁଅ ତୋ କପାଳେ ଲେଖା
ଦାଦନର ପରିଚୟ ।

ବିଶ୍ୱ ଇତିହାସ କରି ଅଧ୍ୟୟନ
ବୋଲାଉଛୁ ଜ୍ଞାନୀ ଗୁଣୀ,
ନିଜ ଇତିହାସ ଖୋଜିବାକୁ ତୋତେ
ସମୟ ଜମା ମିଳିନି ।

କେତେ ଦେଶପ୍ରେମୀ ସ୍ୱାଧୀନ ସଂଗ୍ରାମୀ
ପାଦତଳେ କରୁ ପୂଜା,
ଚକରା, ଦୋହରା, ବାଞ୍ଛାନିଧି କଥା
ଭୁଲିବା କି ନୁହେଁ ଲଜ୍ଜା ।


ସଭା ସମିତିରେ ଚିତ୍କାର କରୁଛୁ
ମୁଁ ବିଦ୍ରୋହୀ ମାଟିର ପୁଅ,
ଚେଷ୍ଟା କରିଛୁ କି ବାସ୍ତବରେ କେବେ
ପୋଛିବାକୁ ମାଆ ଲୁହ ।

ଉଠ ଘୁମୁସର ସନ୍ତାନ ଗଣ ହେ
ଆଳସ୍ୟର ନିଦ୍ରା ତେଜି,
ନିଜ ଅଧିକାର ନିଜେ ନ ଖୋଜିଲେ
ସବୁ ସ୍ୱପ୍ନ ଯିବ ଭାଜି ।

ଗାଙ୍ଗପୁର
ଗଞ୍ଜାମ

# ନଷ୍ଟ ନୀଡ଼ର ପକ୍ଷୀ

ପୂର୍ଣ୍ଣ ଦାସ



ତମ ସହ ମୋର ଯାତ୍ରା ହେଲେ ବି
ଅଳପ ସମୟ ପାଇଁ,
ପଲକର ଛବି ସାରା ଜୀବନକୁ
ରହିଗଲା ସ୍ମୃତି ହୋଇ । ୧ ।

ଦେଖିନାଇଁ କେବେ ଜହ୍ନର ତାତିରେ
ଶୀତଳ ଅନ୍ଧାରେ ଅବା,
ଭାବିନିଏ ଯେବେ ମୋର ଆଖି ଆଗେ
ତମେ ହୋଇଯାଅ ଉଭା । ୨ ।

ଭଲ ପାଇବାର ଫୁଲଟିଏ କେବେ
ଫୁଟିନାଇଁ ମୋଓ ପାଇଁ,
ଫୁଲର କଣ୍ଟାରେ, କଳିଜାକୁ ଚାପି
ପାରୁଛି ଖୁସିରେ ଜୀଇଁ । ୩ ।

ରାତି ନିଦ ଆଖି, ଲୋଡାନାଇଁ ସଖୀ
ସ୍ୱପ୍ନ ଟିକିଏ ପାଇଁ,
କୋଟିଏ ସ୍ୱପ୍ନ, ଜାଗରଣେ ଆସେ
କୋଳେ ତୁମ ଥିଲେ ଶୋଇ । ୪ ।

ରକତ ରଙ୍ଗର ଗୋଲାପ ପାଖୁଡ଼ା
ଛାତି ମୋର ଚିରିଦିଏ,
ଛାତିର ରକତେ, ପ୍ରେମ ପୃଥିବୀର
ଗୋଲାପ ରଙ୍ଗୀନ ହୁଏ । ୫ ।

**କଣ୍ଟାବଣିଆ, ଛତ୍ରପଡ଼ା,**
**ପ୍ରୀତିପୁର, ଯାଜପୁର--୭୫୫୦୧୩**
ସମ୍ପର୍କ : ୯୩୩୭୫୪୮୮୯୩

# ବସନ୍ତ ରାସ

**ଜ୍ୟୋତିପ୍ରଭା ପଟ୍ଟନାୟକ**



ଫେରିଗଲା ଶୀତ ଏ ଧରା ପୃଷ୍ଠରୁ
ଅଭିନୟ ତାର ସାରି
ବସନ୍ତ ଆସିଲା କୋକିଳ ଗାଇଲା
କୁହୁକୁହୁ ତାନ ଭରି
ମୃଦୁ ମଳୟର ଭୁରୁଭୁରୁ ଗନ୍ଧ
ବହେ ଚାଇତାଳି ବାଆ
ଫୁଲେଇ ଫଗୁଣ ଡାକେ କୃଷ୍ଣଚୂଡା
ହୋଲି ଖେଳିବାକୁ ଆ
ସୁଗନ୍ଧ ବିତରି ସୁବାସ କୁସୁମ
ମଲ୍ଲୀର ଝରୁଛି ହସ
ଦୋଳ ମଣ୍ଡପରେ ଅବିର ରଙ୍ଗରେ
ଖେଳିଲେଣି ପୀତବାସ
ଗୋପୀ ଗୋପାଙ୍ଗନା ହେଲେ ଆନମନା
ହୋଲି ରଙ୍ଗ କଲା ବାଇ
ଷୋହଳ ସହସ୍ର ଗୋପୀଙ୍କ ସାଙ୍ଗରେ
ଏକ ଏକ କୃଷ୍ଣ ଥାଇ

ବଡ଼ ଆଚମ୍ବିତ ଲାଗଇ ବିସ୍ମିତ
ଏକି ଅଦ୍ଭୁତ କଥା
ଏକ ଗୋପୀ ସଂଗେ ଏକ କୃଷ୍ଣ ରାସ
ଘୁରାଇ ଦେଉଛି ମଥା
କଥାଦେଇ କଥା ରଖିଥିଲେ କୃଷ୍ଣ
ଋଷି ହେଲେ ଗୋପବାଳା
ତ୍ରେତୟାର ଋଷି ଦ୍ୱାପରେ ଜନମି
ରାସ ରଚେ ନନ୍ଦବଳା
ଯିଏ ଯେଉଁ ରୂପେ ଚିନ୍ତେ ଚିନ୍ତାମଣି
ସେ ରୂପେ ଦେଇ ଦର୍ଶନ
ଭକତ ଭାବକୁ ପରଖି ନିଅନ୍ତି
ଭକତଙ୍କ ପ୍ରାଣ ଧନ
ହସୁଥିବ ଧରା ହସିବ ପ୍ରକୃତି
ଅଭିନୟ ଯିବ ସରି
ସ୍ୱଚକ୍ଷୁରେ ଥରେ ଦେଖିଯାଅ ବାରେ
ଅପୂର୍ବ ରାସ ମାଧୁରୀ

ଖୋର୍ଦ୍ଧା

# ସକାଳର ଜଣାଣ

ବିଜୟ କୁମାର ଜେନା



ପ୍ରଭାତେ ଫୁଟିଛି ପୁଷ୍ପ ଭଳି ଭଳି
ନଜାଣଇ ଦେହ ବାସ
ବାରିଦରେ ଅଛି କେତେ ଜଳଧାରା
ଜଣା ପଡେ ନାହିଁ ଲେଶ।
ରାତିର ଅନ୍ଧାର ରାତିକୁ ଅଜଣା
ସୁରୁଜ ନ ଜାଣେ ଖରା
ନିଳୀମା ଆକାଶ କେତେ ପରିବ୍ୟାପ୍ତ
ମାପି ନ ହୁଅଇ ପରା।
ମେରୁର ହୃଦୟ ଯେତେ କଠିନତା
କଳି ତ ହୁଅଇ ନାହିଁ
ସାଗରରେ କେତେ ନଦୀ ମିଶିଛନ୍ତି
ସଙ୍ଗମ ଗୁଣରେ ନଇଁ।
ଅବନୀ ନ ଜାଣେ ତାର ସହିଷ୍ଣୁତା
ଜହ୍ନର ଯେ ଶୀତଳତା
ଛାର ଏ ମଣିଷ ବୁଝିବ କିପରି
ନିଜ ଆତ୍ମା ଗଭୀରତା।
ମଣିଷ ପାଇଛି ଚିନ୍ତା ଓ ଚେତନା
ଦୟା କ୍ଷମା ପ୍ରଭୁ ପ୍ରେମ
ଜଗନ୍ନାଥ ଆମ ଶେଷ ଗତି ପଥ
ଏ ବିଚାର ସର୍ବେ ଘେନ।

ଅବସର ପ୍ରାପ୍ତ ପ୍ରାଧ୍ୟାପକ
ଶାମୁକାସାହି, ରଣପୁର

# ପାଇକ ପୁଅକୁ ଜବାବ୍ ଦିଅ

ରୋଜାଲିନ୍ ପଟ୍ଟନାୟକ



ପାଇକ ପୁଅକୁ ମୁଁ ଆଜି ପଚାରୁଛି,
ଜବାବ୍ ଦିଅ ମୋତେ ଜବାବ୍ ଦିଅ,
ମୋ ପୂର୍ବ ପୁରୁଷ କରିଛି ସଂଘର୍ଷ
ଜାଳିଛି ନିଜକୁ ଢାଳି ଲହୁ ଲୁହ;
ଗୋରା ଶାସନକୁ ବିଦ୍ରୋହ କରିଛି,
ତା ରକତ ମୂଲ ଦେବ କି କୁହ?
ପାଇକ ପୁଅ ମୁଁ ଆଜି ପଚାରୁଛି,
ଜବାବ୍ ଦିଅ ମୋତେ ଜବାବ୍ ଦିଅ ।(୧)

୧୮୧୭ ରେ ଗରଜିଲା ଉତ୍କଳ,
ଉଠିଲା ଭାରତ ଭୂଖଣ୍ଡରେ ରୋଳ;
ପାଇକ ବିଦ୍ରୋହ ପାଇଁ ଏ ଗହଳ,
ଗୋରା ଶାସନକୁ କଲା କୋହଳ।
ପାଇ ସ୍ୱାଧୀନତା ତାହାକୁ ଭୁଲିଲ
ତା ରକତ ମୂଲ କେ ଦେବ କୁହ ?
ପାଇକ ପୁଅ ମୁଁ ଆଜି ପଚାରୁଛି,
ଜବାବ୍ ଦିଅ ମୋତେ ଜବାବ୍ ଦିଅ। (୨)

ଜାଗି ଉଠ ଆରେ ସୁପ୍ତ ପ୍ରବର,
ଆଗାମୀ ପିଢ଼ିକୁ ଜାଗ୍ରତ କର,
ବୁଝିବ କି ସେ ମୂଳ ସଂଗ୍ରାମର,
ରଖୁ ସେ ଗରବ ଓଡ଼ିଆ ଜାତିର
ରଖୁ ସନମାନ ପାଇକ ପୁଅର
ତା ରକତ ମୂଲ ଦେବାକୁ କୁହ,
ପାଇକ ପୁଅ ମୁଁ ଆଜି ପଚାରୁଛି,
ଜବାବ୍ ଦିଅ ମୋତେ ଜବାବ୍ ଦିଅ। (୩)

**ଶିକ୍ଷୟିତ୍ରୀ,**
**ଆର୍ଯ୍ୟବର୍ତ୍ତ ଆନ୍ସିଏଣ୍ଟ୍ ଏକାଡେମୀ, ଖୋର୍ଦ୍ଧା।**
ମୋ - ୮୩୨୭୭୭୯୭୯୧

# ଆମେ ଉତ୍କଳୀୟ

**ସୁଜାତା ପଟ୍ଟନାୟକ**



ଉତ୍କଳର ଯେତେ ଉତ୍କଳୀୟ ଆମେ
ଗରବେ ଫୁଲାଇ ଛାତି,
ପ୍ରାଚୀ ଦିଶା ଆମ ଉଭାସିତ ଆଜି
ଗାରିମାର ଫର୍ଦ୍ଦ ରଚି
ଉତ୍କଳ ମାତାର ପଦ ଧୌତ ଲାଗି
ନୀଳ ଉର୍ମୀମାଳା ଗଣ,
ଅପାର ଆନନ୍ଦେ ନୃତ୍ୟରତା ସଦା
ଅବିରତ ନିଶିଦିନ ।
ତୀର ସବୁଜିମା ସଜାଏ ତାହାକୁ
ପରିଧାନ ସାଜି ତାର,
ବନ ଉପବନ ଗିରି ଓ କାନନ
ଗଚ୍ଛିତ ଶୋଭା ଭଣ୍ଡାର ।
କାରୁକାର୍ଯ୍ୟେ ଭରା ଆମ ଏ ଉତ୍କଳ,
ତାରକସି ଚାନ୍ଦୁଆରେ,
ପିତ୍ତଳ ବାସନ ଶିଙ୍ଘ କାରୁକଳା
କୋଣାର୍କର ଝଲକରେ ।
ଉତ୍କଳର ବୁଣାକାର ବୁଣିଦିଏ
ଖଦି ବାନ୍ଧ ପାଟଶାଢି,
ଅପଲକ ନେତ୍ରେ ପର୍ଯ୍ୟଟକ ଚାହେଁ,
ଓଡିଶୀ ଗହଣା ଚୁଡି ।

ଲକ୍ଷ୍ମୀଙ୍କ ବିଳାସ ଭୂମି ଚିଲିକାର
ଶୋଭା ଅତି ମନୋରମ,
ଓଡିଆ କବିର ଲେଖନୀରୁ ଝରେ
ଶବ୍ଦ ଚାରୁ ଅନୁପମ ।
ଓଡ଼ିଆ ଭାଷା ମୋ ସମ୍ମୋହନ ମନ୍ତ୍ର
ସୂଚାଇଛି କେତେ ବାର୍ତ୍ତା,
ଶଗଡ଼ିଆ ଗୀତ ଚଢେଇୟା ମିତ
ଭୁଲାଇ ଶ୍ରମର ବ୍ୟଥା ।
ଓଡିଆ ନୋଳିଆ ଢେଉ ସାଥେ ଖେଳେ
ପବନେ ବାଉଁଶ ରାଣୀ,
ପାଇକ ପୁଅର ଯୁଦ୍ଧର କୌଶଳ
ଶତ୍ରୁ ନ ପାରିଲା ଜାଣି ।
ଓଡିଆ ସାଧବ ବଣିଜ ଦରବେ
ଉତ୍କଳକୁ କଲା ଧନୀ,
ଧନୀ ଜଗନ୍ନାଥ ବିଶ୍ୱରେ ବିଦିତ
ଭକ୍ତ ମନ ନେଇ କିଣି ।
ଉତ୍କଳ ଦିବସେ ସ୍ମୃତି ପଟେ ଟାଣି
ସେହି ଇତିହାସ ଗାଥା,
ଦାୟାଦ ପଣରେ ରଖିଯିବା ଯଶ
ଉତ୍କଳର ଟେକି ମଥା ।

**ଶିକ୍ଷୟିତ୍ରୀ,**
**ବଡତୋଟା ବେଲପଡା ଉଚ୍ଚବିଦ୍ୟାଳୟ**

# ଜୀବନ

**ଦିବାକର ନାୟକ**



ଆଜି ମୁଁ ଜାଣିଲି ଜୀବନର ମୂଳ
ଘରକୁ ଅଳପ ପରକୁ ବେଶୀ
କୁଇରେ ଶୁଣୁଛି ଘୃଣା କଲା ଲୋକ
କାନ୍ଦୁଛି ଅଳପ ଝୁରୁଛି ବେଶୀ ||୦||

ଅନେକ ଓଠରେ କୁଶଳ କାମନା
ଅନ୍ତରେ ଅଶେଷ ଛଳନା ଆଜି
ସବୁ ଜାଣି ହେଲେ ସଭିଙ୍କ ଭିତରୁ
ଭଲ ପାଇବା ମୁଁ ପାଇଛି ଖୋଜି

ଟେକା ଯେ ମାରିଛି ଫଳନ୍ତି ତରୁ ମୁଁ
ଖାଇଛି ଅଳପ ଖୋଇଛି ବେଶୀ..
ଆଜି ମୁଁ ଜାଣିଲି ଜୀବନର ମୂଳ
ଘରକୁ ଅଳପ ପରକୁ ବେଶୀ ||୧||

ଆଜି ଯେ ଚାଲୁଛି ଛାତିକୁ ଫୁଲେଇ
ମାଟି ପରେ ପାଦ ଥୋଇ
ଛୁଟିଲେ ପବନ ତୁଟିବ ଜୀବନ
ମାଟି ତଳେ ଯିବ ଶୋଇ

ରହିଯିବ କଥା ଲେଖା ହେବ ଗାଥା
ଖୁଣକୁ ଅଳପ ଗୁଣକୁ ବେଶୀ..
ଆଜି ମୁଁ ଜାଣିଲି ଜୀବନର ମୂଳ
ଘରକୁ ଅଳପ ପରକୁ ବେଶୀ ||୨||

**ପାଟପୁର, କନିସି,**
**ଗୋଳନ୍ଥରା, ଗଞ୍ଜାମ - ୭୬୧ ୦୦୮**
**ମୋ-୯୯୩୮୬ ୧୯୯୮୧**

# ଶେଷ ଅଭିସାର ସରିବା ଆଗରୁ ଆସିଗଲ ତୁମେ ସାକୀ

ତାରାପ୍ରସାଦ ଜେନା



ଶେଷ ଅଭିସାର ସରିବା ଆଗରୁ
ଆସିଗଲ ତୁମେ ସାକୀ
କହିଦେବି ଏବେ ଦୁନିଆକୁ ଖୋଲି
ନିଜେ ଯାଇଥିଲି ଠକି
.......ଶେଷ ଅଭିସାର ସରିବା ଆଗରୁ
ଆସିଗଲ ତୁମେ ସାକୀ ! ୦ !

ମନ ଦେବା ପଛ ଧନ ନେବା ଆଗ
ଖେଳିଥିଲେ କେତେ ଖେଳ
ରୂପ ଯଉବନ ମାୟାରେ ଘାଣ୍ଟିକି
ମୋତେ କରିଥିଲେ ଖୋଳ
ଦହଗଞ୍ଜ ଆଉ ଜୀବନଟା ମୋର
ରହିଥିଲା ଯାହା ବାକି
.......ଶେଷ ଅଭିସାର ସରିବା ଆଗରୁ
ଆସିଗଲ ତୁମେ ସାକୀ ! ୧ !

ମଧୁଶାଳା ମଧୁ ଚାଖିବା ବାହାନା
ନଥିଲାଟି ମୋର ଇଛା
ଜୀବନର ଦୁଃଖ ଭୁଲିବାକୁ ଯାହା
ସୁଖ କ୍ଷଣିକର ବଛା
ଅତୀତର ଛାଇ ପାଖ ମାଡ଼ିବନି
ଢୋକେ ସୁରା ଦେଲେ ଟେକି
.......ଶେଷ ଅଭିସାର ସରିବା ଆଗରୁ
ଆସିଗଲ ତୁମେ ସାକୀ ! ୨ !

ସପନର ନିଦ ନିଶା ଘାରିଗଲେ
ଲାଗ ଚିହ୍ନା ଭାରି ପ୍ରିୟା
ତୁମ କାନ୍ଧେ ଭରା ହାତ ରଖି ଚାଲେ
ଭାବେ ସିନା ଦେବୀ ଦୟା,
ମନ ଚମକର ସରଗ ପରୀ ଗୋ
ସଖୀ ବୋଲି ଦେବି ଡାକି
.......ଶେଷ ଅଭିସାର ସରିବା ଆଗରୁ
ଆସିଗଲ ତୁମେ ସାକୀ ! ୩ !

ରଣପୁର (ଗୋଡ଼ିପାଟଣା ସାହି),
ଡାକ -ରାଜ ରଣପୁର,
ଜିଲ୍ଲା - ନୟାଗଡ଼, ପିନ୍ -୭୫୨୦୨୬, ଓଡ଼ିଶା

# ଗୁହାରି ଶୁଣିମା ହେଉ

ସାଧନା ପଣ୍ଡା



କାନ ଶୁଣୁଥାଉ ଗୀତା ଭାଗବତ
ଲୁହ ଯାଉଥାଉ ଗଡି
ତୋ ଧଣ୍ଡା ତୁଳସୀ ଖାଉଥାଏ ଆସି
ନରେନ୍ଦ୍ରେ ସିନାନ ସାରି ।

ରଖିଛି ଦେବାକୁ ଚନ୍ଦନ ଫୁଲକୁ
ଆସିବୁରେ ଧନ ଯଦି
ବସି ଯାଆ ଥରେ ମୋ' ମନ- ଦେଉଳେ
ହୃଦୟ ମୋ' ସୁନା ବେଦୀ ।

ଲୁହରେ ଆଖିକି ଦେଇ ଅଛ ଭରି
ସତ କୁହ ଜଗନ୍ନାଥ ,
ସେଇ ଲୁହ ପାଦେ ଅଜାଡୁଛି ମୁନ୍ଦେ
ଘେନ କାଳିଆ ସାଆନ୍ତ ।

ହାତ ମୋ'ର ବାଛି ଆଦରି ନେଇଛି
ତୁମ କାମ କରିବାକୁ
ମୋ' ହସ୍ତ ଅଙ୍ଗୁଳି ତୁମ ନାମାବଳୀ
ତୁମ ନାମ ଜପି ବାକୁ ।

ରଖ ବା ନରଖ ଆହେ ପଦ୍ମମୁଖ
ଦୁଃଖରେ ଶରଣ ଗଲି
ଲୋଡା ନାହିଁ ମୋ'ର ସୁଖ ସରଗର
ନିଜକୁ ସମର୍ପି ଦେଲି ।

ନାଲି ଅଧରର ସେ ହସ ସୁନ୍ଦର
ଦେଖି ମନ ଯାଏ ହଜି
ଯାଉ ଏ ଜୀବନ ଦୀପ ମୋ'ର ଲିଭି
ତୁମ ନାମ ଭଜି ଭଜି ।

ତୁମେ ଧରି ଥିଲେ ଗୋଟିଗୋଟି ଦୋଷ
ମିଳନ୍ତାନି ରାହା ସବୁ
ତୁମରି ଦୟାର ସୀମାତ ପାଉନି
ଖୋଜିଖୋଜି ମହାପ୍ରଭୁ ।

ରଙ୍ଗା ଅଧରରେ ନାଲି ହସ ଧାରେ
ଦେଖି ତରିଯିବି ଭବୁ
ଭଜିଭଜି ତୁମ ମଧୁର ନାମକୁ
ସମୟ ସରୁ ମୋ' ସବୁ ।

# ଥା'

ଡଃ ଚପଳା ପଣ୍ଡା




କବି କଲମକୁ ଚାହିଁଥା
ପ୍ରେରଣାର ବାର୍ତ୍ତା ବାଢୁଥା
କବି ହୋଇଯିବ ଘାସର ଗାଲିଚା
ପାଦରେ ସଞ୍ଚାଳି ଚାଲୁଥା।
କବି ହୃଦୟକୁ ବୁଝୁଥା
ଭଲ ମନ୍ଦ ଟିକେ ଲେଖୁଥା
କବି ହୋଇଯିବ ଉନ୍ନିଦ୍ର ରଜନୀ
ସପନ ବଣିକ ଶୋଇଥା।
କବି ଭାବନାକୁ ଭାବୁଥା
ଇନ୍ଦ୍ରଧନୁ ରଙ୍ଗ ମାଖୁଥା
କବି ହୋଇଯିବ ପ୍ରଗଳ୍ଭା ତଟିନୀ
ପାଣିରେ ବୁଡ଼ି ତୁ ଭିଜୁଥା।

କବି ମନ ପ୍ରାଣ ହେଜୁଥା
ଚୋରାବାଲି ପରି ଲୁଚିଥା
କବି ହୋଇଯିବ ସାଗର ଜୁଆର
ଫେରନ୍ତା ଭଟ୍ଟାରେ ହଜୁଥା।
କବି ଦୁଃଖେ ଦୁଃଖ ବାଣ୍ଟୁଥା
ଆହା ପଦ ଦେଇ ଝୁରୁଥା
କବି ହୋଇଯିବ ଫଗୁଣ ମଳୟ
ସୁଖର ଅବିର ବିଞ୍ଚୁଥା।
କବି ଆତ୍ମା ସହ ଜଡ଼ିଥା
ଆତ୍ମୀୟ ସତ୍ତରେ ଭିଡୁଥା
କବି ହୋଇଯିବ ଅମୃତ ପାନୀୟ
ପଣା ଭାବି ତାକୁ ପିଉଥା।

ଶିକ୍ଷୟିତ୍ରୀ (ବୃତ୍ତି ନିବୃତ୍ତ)
ଖୋର୍ଦ୍ଧା
ମୋ - ୯୪୩୭୪୨୧୮୧୬

# ଉତ୍କଳମଣି ଗୋପବନ୍ଧୁ



ପଦ୍ମନାଭ ପାଣିଗ୍ରାହୀ

ଉତ୍କଳ ଜନନୀ ଗଳା ରତ୍ନହାର
ମାଟିଦେହ ତୁମ ମିଶିଲା ମାଟିର
ଶତାବ୍ଦିର ଶ୍ରେଷ୍ଠ ମଣିଷ ପ୍ରବର
ତ୍ୟାଗପୁତ ପୂଣ୍ୟଶ୍ଳୋକ ଧନ୍ୟ କର୍ମବୀର ।

କରାଳ ଦୃଶ୍ୟ ଭରା ସେ ବନ୍ୟା ବାତ୍ୟାରେ
ଦେବଦୂତ  ତୁମେ ସଦା ଦୀନ ଦୁଃଖୀଠାରେ
ଅସହାୟ ପାଇଁ କାନ୍ଦେ ହୃଦୟ ତୁମର
ସତ୍ୟବାଦୀ ସନ୍ଥ ଶ୍ରେଷ୍ଠ ମାନବ ସୃଷ୍ଟିର ।

ଆଚରଣେ ଉଚ୍ଚାରଣେ ଥିଲ ସଚେତନ
ମୁକ୍ତିକଲ ସାଂସାରିକ ମାୟାର ବନ୍ଧନ
ବାର ବର୍ଷ ଅତିକ୍ରାନ୍ତ ଦାମ୍ପତ୍ୟ ଜୀବନ
ପତ୍ନୀ ପୁତ୍ର ବିୟୋଗଟି ହୋଇଲା ସପନ।

ବ୍ୟକ୍ତି ଜୀବନରୁ ବିଶ୍ୱ ଜୀବନ ଯାବତ
ଧାରଣ କଲ ଅମୃତ ସନ୍ତାନ ସତତ
ନିଜ ଜୀବନର ସର୍ବ ତ୍ୟାଗ ନିଷ୍ଠା ବ୍ରତ
କାବ୍ୟ ଚେତନାରେ କଲ ତା ରୂପାନ୍ତରିତ।


ଜୀବନ ଯୁଦ୍ଧେ ବରଣ ନ କରି ପରାଜୟ
ନୀଳକଣ୍ଠ ଆକଣ୍ଠ ପାନକଲ ଯାତନାଚୟ
ସାମାଜିକ, ରାଜନୀତି, ଜାତୀୟ ଜୀବନ
ଆଜୀବନ ବ୍ରତୀ ସକ୍ରିୟ ସାହିତ୍ୟ ସର୍ଜନ।

ଶୈଶବରୁ ମୃତ୍ୟୁଯାଏ ଜୀବନ ଯନ୍ତ୍ରଣା
କବିତାରେ ନିଦର୍ଶନ ତାହାର ନମୁନା
ଦରିଦ୍ର ନାରାୟଣ ସେବାରେ ନିତ୍ୟ ବ୍ରତୀ
ସତ୍ୟବାଦୀ ତୁମ ଆତ୍ମା ସତ୍ୟ ଧର୍ମ ଦୃଷ୍ଟି ।

ଜଟଣୀ
ମୋ - ୭୮୪୮୮୮୪୬୦୬

# ବିଜ୍ଞାପନ

ମାନସ ରଂଜନ ମହାପାତ୍ର



ଆଜିକାଲି ବିଜ୍ଞାପନରେ ମିଳେ ସବୁକିଛି
ଜନ୍ମନିରୋଧକର ପ୍ରଚାରଠାରୁ
ପ୍ରଧାନମନ୍ତ୍ରୀଙ୍କ ବଜେଟ ଭାଷଣ
ଗଣଧର୍ଷଣରୁ ଗାନ୍ଧିବାଦ
ଗାଁରୁ ଜାତିସଂଘ

କେତେ ସହଜ ଏବେ ସତେ
ବଞ୍ଚିବା ସରକାରୀ କାଗଜରେ, ପ୍ରଚାରପତ୍ରରେ
ଏତେ କୋଟି ଯୁବକ ପାଇବେ ଚାକିରି
ଏତେ କୋଟି କରୋନା ଟିକା
ଆଜି ବଞ୍ଚିଯାଆ ଭୋକ
ବହୁ ଦୁର୍ଘଟଣାର ଛପେନି ଖବର
ଛପେ କିନ୍ତୁ ରଙ୍ଗବେରଙ୍ଗ
ସରକାରୀ, ବେସରକାରୀ ବିଜ୍ଞାପନ

ହେଲେ, ଭୋକିଲା ମଣିଷର ପେଟର ବିଜ୍ଞାପନ
କେବେ ଦେଖିଛ ?

ମୋ - ୯୮୯୧୯୪୬୧ ୭ ୮

# ବିଶ୍ୱ ମାତୃଭାଷା ଦିବସ



**ବିଭୁପ୍ରସାଦ ହରିଚନ୍ଦନ**

ଆମ ମାତୃଭାଷା  ଅତୀବ ବଢ଼ିଆ
ଓଡ଼ିଆ ଯାହାର ନାଆଁ ,
ଓଡ଼ିଶା ମୂଳକେ  ରହିଅଛ ଯିଏ
ଭାଗ୍ୟବାନ ସିଏ ଯାହା।
ଉତ୍କଳଦେବତା  ସ୍ୱୟଂ ଜଗନ୍ନାଥ
ତାଙ୍କ ଆଶୀର୍ବାଦ ପାଇ,
ସଭିଏଁ ରହିଛେ  ମହା ଆନନ୍ଦରେ
ଶାନ୍ତିପୂର୍ଣ ରାଜ୍ୟ ଏହି।
ଅତି ସୁଆଦିଆ  ଆମ ମାତୃଭାଷା
ତୁଳନା ନାହିଁ ଯାହାର,
ଶାସ୍ତ୍ରୀୟ ମାନ୍ୟତା  ପାଇଛି ଏ ଭାଷା
ହେଲା ଆମ ଉପକାର।

କୁନ୍ତଳା କୁମାରୀ  ଫକୀରମୋହନ
କଲେ ଭାଷାର ସୃଜନ,
ମଧୁବାରିଷ୍ଟର  କବି ମାୟାଧର
ଆଣିଲେ ନୂଆ ଚିନ୍ତନ।
ଭାଷା ଭିତ୍ତିକରେ  ଆମ ଏ ଓଡିଶା
ପାଇଲା ପ୍ରଥମ ସ୍ଥାନ,
ଓଡ଼ିଆ ଭାଷାର  ବଢ଼ିଲା ଉତ୍କର୍ଷ
ମଣିଲୁ ନିଜକୁ ଧନ୍ୟ।
ଆମରି ଭାଷାର  ମଧୁର ସଂଳାପ
ଟାଣି ଆଣେ ବିଦେଶୀଙ୍କୁ,
ଆମଭାଷା ପାଇଁ  ଗବେଷଣାରତ
ଧନ୍ୟବାଦ ସେମାନଙ୍କୁ।
ଧନ୍ୟ ମୋ ଓଡ଼ିଶା ଧନ୍ୟମୋର ଭାଷା
ଏ ପୂଣ୍ୟ ମାଟିରେ ଜନ୍ମି,
ଭାଷା ସାହିତ୍ୟକୁ  ଆଲୋକିତ କରି
ଜଳାଇ ଦେବି ମୁଁ ବହ୍ନି।

ଖୋର୍ଦ୍ଧା
ମୋ - ୭୦୭୭୯୮୩୮୪୦

# ଫଗୁଣ ଓ ବସନ୍ତ

ଡକ୍ଟର ସୁକାନ୍ତି ମହାପାତ୍ର



ଫୁଲେଇ ଫଗୁଣ ଆସିଛି ଲୋ ସଖୀ
ଦେହରେ ହଳଦୀ ମାଖି
ଚୋରା ବସନ୍ତଟା ଦେଖୁଛି କଣେଇ
ମୁରୁକି ମୁରୁକି ହସି।

ଫଗୁଣ ଆଣିଛି ରଙ୍ଗର ପସରା
ବଉଳର ବାସ୍ନା ନେଇ
ଚୁପିଚୁପି କହେ ମଳୟ ପବନ
କେତେ ମତୁଆଲା ହୋଇ।

ଦେହରେ ବୋଳିଛି ନାଲି ଅବିର ସେ
ଲାଗୁଛି ସାଧବବୋହୂ
କୃଷ୍ଣଚୂଡ଼ାରୁ କି ଚୋରାଇ ନେଇଛି
ପ୍ରୀତିଭରା ହସ ମହୁ।

ଚୋରା ବସନ୍ତଟା ଫେରି ଯାଉଯାଉ
ହୋଇଗଲା ବାଟବଣା
ପ୍ରେମ ପାହାଚଟା ଏମିତି ଖସଡ଼ା
ସବୁ ହୁଅଇ ଅଜଣା।

ଗଭାରେ ଖୋସିଛି ରଜନୀଗନ୍ଧା ସେ
ବାସେ ମହମହ ହୋଇ
ମଧୁମକ୍ଷି ସାଜି ବସନ୍ତ ନାଚଇ
ପ୍ରୀତିଭରା ଗୀତ ଗାଇ।

ଫଗୁଣ ବସନ୍ତ, ବସନ୍ତ ଫଗୁଣ
ଦୁହେତ ଦୁହିଁଙ୍କ ପାଇଁ
ତଥାପି ତାଙ୍କର ପ୍ରୀତିର ପାଥେୟ
ଇତି ହୋଇ ରହିନାହିଁ।

ଗଜପତି ନଗର
ଜଟଣୀ

# ଫଗୁଣ ଆସିବା ପରେ



**ଅଧ୍ୟାପିକା ସୌଦାମିନୀ ବେହେରା**

ତମେ କାଳେ କହିଥିଲ
ଗଛମାନେ ପତ୍ରଝଡ଼ା ଦେଲେ
ବସନ୍ତ ଆସେ ବୋଲି।

ମନେ ଅଛି ମୋ'ର
ବସନ୍ତ ଆସିଲେ
ଛାଇଯାଏ ସବୁଜିମା,
ଫଳଫୁଲର ରଙ୍ଗ,
ବହିଯାଏ ମଳୟ ପବନ।

ବସନ୍ତ ଆସିଲେ
ବନ ଉପବନେ
କୋଇଲି ଗୀତ ଗାଏ,
ହଜିଯାଏ ନିଦ,
କେହିଜଣେ ଗାଉଥାଏ
ପବନରେ ଗୀତ।

କହିଥିଲ ମନେଅଛି
ତମେ ମୋତେ,
ବେଶୀ ଭଲପାଅ ବୋଲି,
ସେଥିପାଇଁ ହୁଏତ
ଫଗୁଣ ଆସେ
ହୃଦୟର ନିରୋଳା ଲଗ୍ନରେ ।

ଫଗୁଣ ଆସିଲେ
ମୋ, ମନ ମୁକୁରରେ
ସାତରଙ୍ଗର ଇନ୍ଦ୍ରଧନୁ ଦିଶେ,
ଦିଶିଯାଏ ପ୍ରେମପକ୍ଷୀର ଡେଣାରେ
ନୀଳନୀଳ ଆକାଶର ଛବି।

ସେ ଗୀତ ଗାଏ,
ଉଡ଼ିବୁଲେ ଶାଶ୍ୱତ ଇଚ୍ଛାରେ
ସେ କି ଜାଣେ
ଛଳନା ଅବା ପ୍ରତାରଣା,
ଫଗୁଣ ଆସିବା ପରେ
ସବୁ ଦୋ ଦୋ ଚିହ୍ନା,
ସମ୍ପର୍କ ମାନେ
ଲାଗନ୍ତି ଚିହ୍ନା ଚିହ୍ନା,
ନୀଡ଼ହରା ପକ୍ଷୀମାନେ ଯେମିତି
ପାଇଯାଆନ୍ତି ନିଜ ନିଜ ଠିକଣା।

**ରାଜା ବଜାର ଖୁଣ୍ଟିଆ ଗଳି,**
**ଜଟଣୀ, ଖୋର୍ଦ୍ଧା**

# ଜାଗି ଉଠ



**ଶ୍ରୀମତୀ ରଶ୍ମିତା ନାୟକ**

ଉତ୍କଳ ମାତାର ସନ୍ତାନ ଗଣ
ଜାଗି ଉଠ ଜାଗି ଉଠ
ଉଣିଶ ଛତିଶ ଏପ୍ରିଲ ପହିଲା
ସ୍ୱତନ୍ତ୍ର ପ୍ରଦେଶ ଶ୍ରେଷ୍ଠ.......୧

ଜୀବନ୍ତ ଏ ଜାତି ଦୃଢ଼ ହେଉ ଆଜି
ହୃଦେ ଭରୁ ଉଚ୍ଚ ଆଶା
ଉତ୍କଳ ନିଜସ୍ୱ ଆମ୍ଭ ପରିଚୟ
ଗାଉ ତାର ମାତୃଭାଷା.....୨

ଭାଷାର ମମତା ଉଦ୍ଭାସିତ ହେଉ
ଆଜିର ଏ ଶୁଭ ଲଗନେ
ବନ୍ଦନା ହେଉ ଜନନୀର ପାଦ
ଏକାକାର ହୋଇ ମଗନେ......୩

ଜାତିର ଗୌରବ ଜାତିର ଐତିହ
ଫୁଟି ଉଠୁ ସାରା ବିଶ୍ୱେ
ନିଲମ୍ଭ ଚିଲିକା କୋଣାରକ ଗାଥା
ସ୍ୱନ୍ଦିତ ଚତୁର ପାର୍ଶ୍ୱଏ.......୪

ଓଠରେ ଓଡ଼ିଆ ଜନମ ଦିନରେ
ଶୁଣ ମାଆର ଗୁହାରୀ
ମାଟି ମାଆ ଭାଷା ପ୍ରଜ୍ଜ୍ୱଳିତ ହେଉ
ଏତିକି ମାଗୁଣି ହରୀ.......୫

କାହିଁ ଗଲ ତୁମେ ଉତ୍କଳ ଗୌରବ
କାହିଁଗଲ ଗୋପବନ୍ଧୁ
ମାଟି ମାଆ ଆଜି ଝୁରୁଛି ତୁମକୁ
ଓଡ଼ିଆର ପ୍ରାଣ ସିନ୍ଧୁ......୬

ଡାକୁଛି ଏ ଜାତି ଜନମ ଦିନରେ
କରୁଛି ଏହି
ଭାଷା ସ୍ୱାଭିମାନ ତେଜିୟାନ ହେଉ
ବନ୍ଦେ ଉତ୍କଳ ଜନନୀ........୭

**ସହକାରୀ ଶିକ୍ଷୟିତ୍ରୀ**
**ସରକାରୀ ଉଚ୍ଚ ବିଦ୍ୟାଳୟ**
**କୁଶମାଟି, ଛଣ ଘର**

# ସ୍ୱପ୍ନ

ଦୀପ୍ତି ଦେବଦର୍ଶିନୀ ସୂତାର

ସ୍ୱପ୍ନ ତୁମେ ଅଟ
କୁଆଁରୀ କନିଆଁ
ବହଳ ଛାଇର ବାସ୍ନା
ତୁମ ପରଶରେ
ଅପସରି ଯାଏ
ଭୋକର ଭୂଗୋଳ ତୃଷ୍ଣା ।।

ଦିବା ରଜନୀର
ପଦ ପ୍ରହାରରେ
ସ୍ୱପ୍ନ ତୁମେ ଡର ନାହିଁ
ବେଳ ଅବେଳରେ
କୋଳେ ଶୋଇଯାଅ
ଅଝଟ ଅବୁଝା ହୋଇ ।।

ସ୍ୱପ୍ନ ତୁମେ କେବେ
ନିଦାଘ ବୁକୁରେ
ଅସରା ଶ୍ରାବଣ ଧାର
ତୁମେ ପୁଣି କେବେ
ଶୀତ ସକାଳର
ପାହାନ୍ତି କାକର ହାର ।।

ସ୍ୱପ୍ନ ତୁମେ କେବେ
ସୁଖ ଆକାଶରେ
ମେଞ୍ଚା ମେଞ୍ଚା ରଙ୍ଗଫୁଲ
ତୁମେ ପୁଣି କେବେ
ଆହତ ମନର
ଦୁଃଖରେ ଭରା ଗଜଲ ।।

ଓରାଳି, ହାଟଡ଼ିହୀ
କେନ୍ଦୁଝର - ୭୫୮୦୮୩
ଫୋନ ନଂ - ୯୭୭୭୬୧୦୨୦

# ଖରାପ କିଏ କୁହ

**ହାସ୍ୟମୟୀ ରାଜ୍**



ମୋ' ଆଖି ଦେଖେ
ଯାହାକୁ ଏଠି
ଲାଗେ ତ ସବୁ ପ୍ରିୟ
ପବନ ସୁର ଗଛ ପତର
ନଈର ପାଣି ସୁଅ
ଖରାପ କିଏ କୁହ ?

ସରଳ ହସ
ଛୋଟ ଶିଶୁର
କଅଁଳ ତା'ର ମୁହଁ
ନିର୍ମଳ ପୁଣି ଆଖି ଯୋଡିକ
ସୁନ୍ଦର ତା'ର ଲୁହ
ଖରାପ କିଏ କୁହ ?

ବାପାଙ୍କ ସ୍ନେହ
ମା'ର କୋଳ
ଦୂରେଇ ଦିଏ ଭୟ
ସରଗ ପରି
ପରିବାର ମୋ'
ସତ୍ୟରେ ରଖେ ଲୟ
ଖରାପ କିଏ କୁହ ?

ରୋଗ ଶୋକରେ
ସାଇ ପଡିଶା
ମନକୁ କରେ ଥୟ
କାନ୍ଧରେ କାନ୍ଧ ମିଶେଇ ଦେଇ
ଦୁଃଖକୁ କରେ କ୍ଷୟ
ଖରାପ କିଏ କୁହ ?

କେଉଁ ମଣିଷ
ଜନମ ବେଳୁ
ଖରାପ କେବେ ନୁହଁ
ଭଲ ହେବାକୁ ସୁଯୋଗ ଦେବା
ହୃଦୟ କରି ଜୟ
ଖରାପ କିଏ କୁହ ??

ଓରାଳି, ହାଟଡିହି
କେନ୍ଦୁଝର

# ବସନ୍ତ ବିଭବ

**ଜୟଶ୍ରୀ ପଟ୍ଟନାୟକ**



ମନ ଉପବନେ କିଏ ଆଙ୍କିଦେଲା
ପ୍ରୀତିର ପହିଲି ରଙ୍ଗ
ତରୁଲତା ଦେହେ କିଏ ବୋଳିଦେଲା
ପ୍ରୀତିର ଶାଗୁଆ ରଙ୍ଗ ।୦।।

ବାହୁଡ଼ିଗଲାଣି ଶୀତ ନିଜ ବାସେ
ଦେଇ ନିଦାଘ ଠିକଣା
ଫୁଲଙ୍କ ଦେହରେ ଷୋହଳ ଶୃଙ୍ଗାର
ଋତୁଲାଗେ ମନ ଜିଣା,
ବଉଳ ବାସଇ ସହକାର ଡାଳେ
ଚହଟାଇ ଚଉଦିଗ
ମନ ଉପବନେ କିଏ ଆଙ୍କିଦେଲା
ପ୍ରୀତିର ପହିଲି ରଙ୍ଗ ।।୧।।

ପରଭୃତ ଗାଏ ଆତ୍ମହରା ହୋଇ
ଦେଖି ଧରଣୀର ଶୋଭା
ଋତୁରାଜ ସତେ ଓହ୍ଲାଇଛି ମର୍ତ୍ତ୍ୟେ
ଆଣି ତାର ବର୍ଣ୍ଣବିଭା,
ଫୁଲଙ୍କ ଓଠରେ ହସଇ ଫଗୁଣ
ସାଜି ନୂଆ ଅଙ୍ଗରାଗ
ମନ ଉପବନେ କିଏ ଆଙ୍କିଦେଲା
ପ୍ରୀତିର ପହିଲି ରଙ୍ଗ ।।୨।।

ମଧୁ ମୂର୍ଚ୍ଛନାରେ ଝରଣା ଗାଉଛି
ପାହାଡ଼ କୋଳେ ସାଏରୀ
ପଳାଶ ଲେଖଇ ବସନ୍ତର ଗୀତି
ଭରି ତା' ଋତୁ ଡାଏରି,
ମଧୁମକ୍ଷି ଶୋଷେ ଫୁଲରୁ ପରାଗ
ପଲ୍ଲୀ ସଜାଏ ତା ଅଙ୍ଗ,
ମନ ଉପବନେ କିଏ ଆଙ୍କିଦେଲା
ପ୍ରୀତିର ପହିଲି ରଙ୍ଗ ।।୩।।

**ଗଙ୍ଗନଗର, ଭୁବନେଶ୍ୱର**
**ମୋ : ୭୯୭୮୧୧୦୪୭୪**

# ମଣିଷ : ତିନି ପଦ

**ଡ. ରଜତ କୁମାର ଷଡଙ୍ଗୀ**

-: ଏକ :-

ଏ ମଣିଷ
କେତେବେଳେ ମୋଡୁଥାଏ ନିଶ
କେତେବେଳେ ଛାଡୁଥାଏ ଶ୍ୱାସ,
ହେଲେ ମେଣ୍ଟେନାହିଁ କେବେ ତା'ର
ସୀମାହୀନ ଶୋଷ ।।

- : ଦୁଇ :-

ଏ ମଣିଷ
ଯାତ୍ରା ତା'ର ଦିଗନ୍ତବିସ୍ତାରୀ
ମଙ୍ଗଳର ପଥଚାରୀ
ସୂର୍ଯ୍ୟକୁ ଆସିପାରେ ଘୂରି
ହେଲେ ତା'ର ହୃଦୟଟା ଅପହଞ୍ଚ
ପାରେନାହିଁ ଧରି ।।

- :ତିନି :-

ଏ ମଣିଷ
ଝୁଲୁଝୁଲୁ ଦୋଳିରେ
ଖେଳୁଖେଳୁ ବାଲିରେ
ପେଟ ନାଟ କପଟ ଝପଟ ସବୁ
ଜଳିଯାଏ ମଶାଣିର ଜୁଇରେ;
ଜାଣିକି ଅଜଣା ସିଏ
ଧନ କ୍ଷମତା ମୋହରେ ହେଉଥାଏ ବାଇରେ ,
ଏ ମଣିଷ
ସୀମାହୀନ ତାର ଶୋଷ ।।

ଗ୍ରାମ/ପୋ.ବୋରିଗୁମ୍ମା, ଜିଲ୍ଲା-କୋରାପୁଟ,
ମୋ ୯୪୩୮୩୧୪୦୫୪

# ୟୁକ୍ରେନ ମାଟିରେ ହୋଲି

ତ୍ରିଲୋଚନ ଦାସ



ୟୁକ୍ରେନ ମାଟିକୁ  ରକ୍ତରେ ଭିଜେଇ
ରୁଷ୍ ଖେଳେ ହୋଲି ଖେଳ
ପୁଟିନଙ୍କର ସେ ପଥର ଛାତିଟା
ବୁଝେନା ଅହିଂସା ମୂଳ   ।୦।

ମାର୍କିନ୍ ସହ ନାଟୋ ଯୋଡ଼ି ହୋଇ
ମନ୍ତ୍ରଣା ରଚେ ନୀତି
ରକ୍ତପାତ ନୁହେଁ ବିଶ୍ୱ ଏକା ଚାହେଁ
ଯୁଦ୍ଧ ବଦଳେ ଶାନ୍ତି
ମାନବବାଦର କବର ଦେଇକି
କର କାହିଁ ଅବିଚାର     ।୧।

ପ୍ରତ୍ୟହ ଗଡ଼େଇ ସହସ୍ର ମସ୍ତକ
କି ସୁଖ ପାଉଛ କୁହ
ହେ ପୁଟିନ ! କର ବିଶ୍ୱପ୍ରେମ, ଛାଡ଼ି
ଉପନିବେଶର ମୋହ
ସାରା ବିଶ୍ୱ ମାଗେ ସଂହତି ସଂପ୍ରୀତି
ଏ ନୁହେଁ ଯୁଦ୍ଧର ବେଳ    ।୨।

ଶ୍ରୀବିହାର, ଖୋର୍ଦ୍ଧା - ୭୫୨୦୫୫
ମୋ - ୯୮୫୩୫୩୫୦୯୫

# ଅୟୁତ ଯୁଗର ପ୍ରେମ

ରଞ୍ଜିତା ମିଶ୍ର



ତୋ' ମୋ' ପ୍ରେମ
ଆକାଶ ଆଉ ମାଟି ପରି
ଯୋଜନର ଦୂରେ ଥାଇ
ଚାହିଁ ରହିଥାଏ
ପଲକ ନ ପକେଇ ।
ଛୁଇଁ ସିନା ପାରେନା ମୁଁ
ଅନୁଭବ କରେ ତୋ' ସତ୍ତାକୁ
ପ୍ରତି ମୁହୂର୍ତ୍ତରେ
ମୋ' ଭିତରେ
ତୋତେ ଯାଏ ପାଇ ।

ନିଦାଘର ଖରା
ଭରିଦିଏ ମୋ' ତନୁରେ
ତୋ' ଦେହର ଉଷ୍ମ ପରଶ
ବରଷା ବି ଭିଜାଇ ଦିଏ
ତୋ' ପ୍ରୀତି ପୀୟୂଷ ଢ଼ାଳି
କରେ ଆଲିଙ୍ଗନ
ଯାଏ ମୁଁ ତରଳି
ଭିଜାଭିଜା ଦେହ ମୋ'ର
ଓଦାଓଦା ମନ
ଓଠ ତଳେ ଉଙ୍କିମାରେ
ଲାଜଲାଜ ହସ ।

ଆକାଶ ବି ମୁହଁ ଦେଖେ
ମାଟିର ହୃଦୟରେ
ଜଳର ଆଇନା
ପୁଣି ନୀଳ ସରସୀରେ
ଚୁମିଚୁମି ଯାଏ , ନାଚିନାଚି ଗାଏ
ବନଝରଣାର ଚହଲା ଛାଇରେ ।
ଦୁହେଁ ତ ଦୁହିଁଙ୍କୁ ଚାହିଁ ରହିଥିବା
ଶାଶ୍ୱତ ପ୍ରେମକୁ ନେଇ
ଅୟୁତ ଯୁଗ ବିତିଯାଉ ହେଲେ
ପ୍ରେମ ଆମ ଥିବ ଅମର ହୋଇ ।

ବଇଣ୍ଡା, ଅନୁଗୋଳ

# ତୁମେ



**ସତ୍ୟ ନାରାୟଣ ମଲ୍ଲିକ**

ବହି ଆସୁଥିବା ପବନରେ  ତୁମେ
ଚନ୍ଦନ ବନର ବାସ
ଭାସି ଯାଉଥିବା ନଉକାରେ ତୁମେ
ଶ୍ରାବଣୀ ଓଠର ହସ ॥

ମୋ' ଘର ଅଗଣା ବଗିଚାରେ  ତୁମେ
ଫୁଟିଥିବା ସୁନାଫୁଲ
ଲକ୍ଷେ ଶ୍ରାବଣର ବରଷାର ଛିଟା
ଅସରନ୍ତି ତୁମ ମୂଳ ॥

କୋଟିଏ କିମିଆ ହସ୍ତରେ  ତୁମର
ସବୁଠୁ ନିଜର ଲାଗେ ॥
ତୁମରି କଥାରେ ପଢେ ମୁଁ କାହାଣୀ
ଛାତି ତଳେ ପ୍ରେମ ଜାଗେ ॥

ତୁମେ ଥିଲେ ପ୍ରିୟା ନଥାଏ ଶୂନ୍ୟତା
ମାଟିରୁ ଆକାଶ ଏଠି
ହୃଦୟରେ ତୁମ ଘରକରେ ପ୍ରେମ
ଗୋଲାପି ଅକ୍ଷର ଚିଠି ।।

**ତୁରିନ୍ତିରା, ବାଲିପାଟଣା, ଖୋର୍ଦ୍ଧା**

# ପ୍ରେମିକା



**ବୈଦ୍ୟନାଥ ଖିଲାର**

କେବେଠୁ ଏତେ ଯେ ପର ହୋଇଗଲେ
ଭାବି ପାରେନା ମୁଁ ଆଜି ,
ଛଳନାରେ ଭଲ ପାଉଥିଲେ କାଳେ
ସନ୍ଦେହ ହେଉଛି ଆଜି || 0 ||

ତୁମେ ଥିଲ ମୋ'ର ଅତରର ବାସ୍ନା
ଅତିଥି ଜହ୍ନର ବନ ନୀଳ ଜ୍ୟୋସ୍ନା
ତିଥିରେ ଖୋଜୁଛି ପୁନେଇଁ ଜହ୍ନକୁ
ଅଧୀର ଆବେଗେ ହଜି || ୧ ||

ସାରା ଆକାଶର ତାରା ଦେଇଥିଲି
ତରାଟ ଶେଯରେ ରାତି ପାହିଥିଲି
ତୁମ ପ୍ରତାରଣା ପ୍ରତିବିମ୍ବରେ ମୋ'
ଆଇନାଟା ଗଲା ଭାଜି || ୨ ||

କ୍ଲାନ୍ତ ନିଃସଙ୍ଗ ଶୂନ୍ୟ ସମୟରେ
ମାଳତୀ ବନର ନିଃସ୍ୱ ମଳୟରେ
ମୋତେ ମୁଁ ପଚାରେ ତୁମରି ପ୍ରେମରେ
କାହିଁକି ଜଳୁଛି ଆଜି || ୩ ||

**ଶଙ୍କର ପୁର, ଚାରିବାଟିଆ, କଟକ-୭୫୪୦୨୮**

# ଚଇତ ଆସିଛି ଚଇତାଳି ସାଥେ

ଯମେଶ୍ୱର କହଲସିଂହ



ଗଳାରେ ଗଳାଇ
ମଲ୍ଲୀଫୁଲ ହାର
ତନୁରେ ଜୋଛନା ବୋଳି,
ଚଇତ ଆସିଛି
ଚଇତାଳି ସାଥେ
ରୂପର ରୋଶଣି ଜାଳି .......।।୦।।

ଉତ୍କଳ ଦିବସ
ଶ୍ରୀରାମ ନବମୀ
ପଣା ସଂକ୍ରାନ୍ତି ନେଇ
ଚୋରା ସମୀରଣେ
ମନ ଉପବନୁ
ମଧୁଗନ୍ଧ ଚହଟାଇ,
ବିମଳ ରାତିରେ
ନୀଳ ଆକାଶରୁ
ତାରାଫୁଲ ତୋଳିତୋଳି......
ଚଇତ ଆସିଛି.........।।୧।।

ମନ ମାଟିକାନ୍ଥେ
ଆଙ୍କି ହୋଇଯାଏ
ଚଇତର ପ୍ରତିଛବି
ସୁଖ ସପନରେ
ହଜିଯାଏ କାହିଁ
ପ୍ରେମର ଗୋପନ ଚାବି,
ମାନବିକତାର
ମାନଚିତ୍ରରେ
ସେନେହ ରଙ୍ଗ ବୋଳି......
ଚଇତ ଆସିଛି..........।।୨।।

ଲୋକିପୁର, ଗଡ଼ମାଣତୀର,
ଖୋର୍ଦ୍ଧା - ୭୫୨୦୬୨
ମୋ : ୯୯୩୭୪୭୨୧୧୮

# ଅନ୍ଧ ପ୍ରେମିକର ଗୀତ

**ନିଶିକାନ୍ତ କହଲସିଂହ**



-: ଏକ :-

ତୁମେ ସାଧିପାର
ଜୀବନ ବେଦୀରେ
ପୀରତିର ନୂଆ ତନ୍ତ୍ର,
ମୁଁ ପାରିବି ଗାଇ
ଏକାଏକା ତୁମ
ବିରହ ବେଦର ମନ୍ତ୍ର ।।

-: ଦୁଇ:-

ଦୁଃଖ କରିବିନି
ସୁଖ କିଆରିରୁ
ଶୁଣିଲେ ତୁମରି ଗୀତ,
ଉଜୁଡିଲେ ପଛେ
ଉଜୁଡିଯାଉ ମୋ'
ସପନର ସୁନା କ୍ଷେତ ।।

-: ତିନି :-

ମୋତେ ପର କରି
ଜୀବନର ବାଜି
ଯେତେ ପାର ଜିତିପାର,
ତୁମରି ପାଇଁ କି
ହାରିପାରେ ମୁହିଁ
ଜୀବନେ ହଜାରେ ବାର ।।

-: ଚାରି :-

ମୋ' ଲୁହକୁ ଯଦି
ଭଲପାଅ ତୁମେ
ଆଖିରୁ ନିଗାଡି ନିଅ,
ମୋ' ଛାତି ଚିପୁଡା-
କୋହ ହୋଇ ଝରୁ
ତୁମ ପାଇଁ ଆଖିଲୁହ ।।

-: ପାଞ୍ଚ :-

ଅନ୍ଧାର ଦେଇ
ନେଲେ ନିଅ ମୋ'ର
ଜହ୍ନିଫୁଲ ଜହ୍ନରାତି,
ଦୁଃଖ ନାହିଁ ମୁଁ ଯେ
ଅନ୍ଧ ପ୍ରେମିକ
ଅନ୍ଧାର ମୋ'ର ସାଥୀ ।।

**ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା -୭୫୨୦୬୨**
**ମୋ : ୯୯୩୭୯୫୩୫୨୬**

# ଅବଳା

ଆରତି ମଞ୍ଜରୀ ଦାଶ



କିଏ କହେ ତୁମେ ଅବଳା
ବିଧାତା କରୁଣା ବଳେ
ଧୈର୍ଯ୍ୟ ଅଚଳ ସମାହିତ ତୁମ ଠାରେ
ବିପୁଳ ଓଜ ଧାରିଣୀ
ତୁମେ ଧାତ୍ରୀ ଜନନୀ ଜଙ୍ଗମ୍ୟା ।
ପ୍ରେମ ଫଲ୍ଗୁର ଆଧାର ତମେ
ସ୍ୱଭାବେ ଲଳିତ ଗୁଣା
ମଧୁ ଆଚରଣେ ମଧୁ ବାଙ୍ମୟେ
ଢ଼ାଳି ପାର ସଦା ସାନ୍ତ୍ୱନା
ତୁମେ ତ ଜନନୀ ଜଙ୍ଗମ୍ୟା ।
ସରଳ ହୃଦୟେ ଦାୟିତ୍ୱର ବୋଝ
କର୍ତ୍ତବ୍ୟର ଗାଢ଼ ଦୃଢ଼ତା
ମୁଖମଣ୍ଡଳରେ ଦ୍ୟୁତି ଅନୁକମ୍ପା
ତୀବ୍ର ସୃଜନ ଆକାଙ୍କ୍ଷା,
ତମେ ତ ଜନନୀ ଜଙ୍ଗମ୍ୟା ।
କେବେ ମୁଗ୍ଧା କନ୍ୟକା ଅନୂଢ଼ା
କେବେ ପ୍ରଣୟାତୁରା ପ୍ରିୟଲଗ୍ନା
କେବେ ବିରହାକ୍ରାନ୍ତା ଅଧୀରା
କେବେ ସନ୍ତାନୋତ୍ସଙ୍ଗା ପରିପୂର୍ଣ୍ଣା
ଜନନୀ ଜଙ୍ଗମ୍ୟା ।
ନୁହଁ ନୁହଁ ତୁମେ ଅବଳା ଦୁର୍ବଳା
ଅବା ଉପଦ୍ରବ ଗମ୍ୟା
ତୁମେ ଯେ ଜନନୀ ଜଙ୍ଗମ୍ୟା। ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷିକା,
ଗୁରୁଜଙ୍ଗ, ଖୋରଧା

# ମାଟି

**ଆରାଧନା ଦାଶ**

ସ୍ୱାଧୀନତାର ପ୍ରତୀକ ତ୍ରିରଙ୍ଗାବି
କେବେ କେବେ ଚେତାଇ ଦିଏ
ମାଟି ପାଇଁ କେମିତି
ବହିଥିଲା ଲକ୍ଷ ରକ୍ତନଦୀ
ଉଜୁଡ଼ିଥିଲା ସୁନାର ସଂସାର
ବନ୍ଧୁକ ମୁନରେ କେମିତି
ଲୁଟ୍ ହୋଇଥିଲା ଦେଶର ସ୍ୱରାଜ
ମୁଠାଏ ମାଟି ପାଇଁ କେମିତି
ବଳି ପଡ଼ିଥିଲା ଜୀବନ
ହୋଇଥିଲା ଦେଶର ସୌଦା
ମାଟିରେ ଜନ୍ମିଥିବା
ସହିଦ୍ ମାନଙ୍କ ବଳିଦାନ
କେମିତି ଲୁଚିଗଲା
ଇତିହାସର ପୃଷ୍ଠା ତଳେ
ଆଜିବି ରହିଛି ସାକ୍ଷୀ
କେତେ କେତେ ଫାଶୀଖୁଣ୍ଟ
କଳା ପାଣି, ରୁଦ୍ଧ କାରାଗାର
ରକ୍ତଭିଜା ହଳଦୀ ଘାଟର ମାଟି
ରକ୍ତତୀର୍ଥ ଇରମର ମାଟି
ଆଜି ଯାଏଁ ସରିନାହିଁ ସଂଗ୍ରାମ
ମାଟି ପାଇଁ ଆଜିବି ଚାଲିଛି
ଶୂନ୍ୟରେ ଅଙ୍କ କଷାକଷି ।

ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ
ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ - ୯୯୩୭୩୦୬୬୭୯

# ମୋ ଓଡିଶା

**ଶ୍ରୀଯୁକ୍ତ ମହେଶ୍ୱର ସାହୁ**



କୋଟିରେ ଗୋଟିଏ ଦେଶ ଭାରତ
ତାଭିତରେ ମୋ ଓଡିଶା ପ୍ରଦେଶ
ଐତିହ ସଂସ୍କୃତି ଭରା ଏଇ ମାଟି
ଓଡିଶୀ ନୃତ୍ୟ ବିଶ୍ୱ ପ୍ରସିଦ୍ଧ
ଏପ୍ରିଲ ପହିଲା ଓଡ଼ିଆଙ୍କ ପାଇଁ
ଏକ ଗୌରବମୟ ଦିବସ
ଅତୀତରେ ଏଇ ଦିନ ଜନମି ଥିଲା
ପ୍ରଥମ ଭାଷା ଭିତ୍ତିକ ରାଜ୍ୟ
ସବୁଠୁ ମୋ ପ୍ରିୟ ଉତ୍କଳ ପ୍ରଦେଶ......୧

ଏପ୍ରିଲ ମାସରେ ପଣା ସଂକ୍ରାନ୍ତି
ଆହା କି ସୁଆଦିଆ ପଣାର ଆସର
ବସନ୍ତ ଶେଷରେ ଗ୍ରୀଷ୍ମ ଆରମ୍ଭରେ
ମହକି ଉଠଇ ଘରଠାରୁ ଦେବାଳୟ
ଅପରାନହ ଠାରୁ ରାତି ଅଧ ଯାଏଁ
ସଭିଏଁ ମଜା ନିଅନ୍ତି ପଣା ସଂକ୍ରାନ୍ତିର......୨
ଏମିତି ଏ ଦେଶ ଏଇ ମୋ ପ୍ରଦେଶ
ସବୁବେଳେ କିଛି ନା କିଛି ଯାନି ଯାତ
ଓଡ଼ିଆ ସଂସ୍କୃତି ଓ ଜନଜୀବନ
ଶାନ୍ତି ଆଉ ଭାଇଚାରାର ଉଦାହରଣ
ଏଠି ଜନ୍ମିଛି ଯିଏ ଧନ୍ୟ ତା ଜୀବନ
ଏ ଜାତିର ହର୍ତ୍ତା କର୍ତ୍ତା ଦଇବ ବିଧାତା
ସେଇ ଏକା ଜଗତର ନାଥ ଜଗନ୍ନାଥ
ସବୁରି ପ୍ରାଣର ପ୍ରିୟତମ ଦେବତା
ସେ ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର
ସବୁ ଗତି ମୁକ୍ତି ପ୍ରଗତିର ଉଚ୍ଛ ଏକା.......୩

**ଉପ ନିର୍ଦ୍ଦେଶକ,ଓସେପା**

# ସୁମନ

ଶୋଭାଗିନୀ ନନ୍ଦ

ନନ୍ଦନ କାନନ ପାରିଜାତ ବନ
ସୁମନେ ସଜ୍ଜିତ ଆହାଃ କି! ମନୋରମ
ଜୁଇ ଜାଇ ହେନା ମଲ୍ଲୀ ମାଧବୀ ମାଳତୀ
ପୁଷ୍ପେ ସୁବାସିତ ରଙ୍ଗ ବେରଙ୍ଗେ କେତକୀ ।

ଚାରୁ ଶୋଭାମୟୀ ପ୍ରକୃତି ରାଣୀ
ସୁମନେ ସଜାଏ ସୌନ୍ଦର୍ଯ୍ୟର ସବୁଜ ବନାନୀ ,
ମନ ମୋହିନୀ ସୁମନର ସୁଗନ୍ଧ
ସେତ ଚିତ୍ତ ହାରିଣୀ ।

ସୁମନ ପ୍ରେମର ପ୍ରତୀକ
ଭକ୍ତ ପ୍ରେମିକର ସେ ପ୍ରେମର ସନ୍ତକ
ପୂଜା କରିଥାଏ ନେଇ ଭକ୍ତ ଦେବାଳୟେ
ପ୍ରେମିକ ଅର୍ପଣ କରେ ନେଇ ଫୁଲ ହାର
ପ୍ରେମିକାର ଗଳେ ।

ଜୀବନର ପ୍ରତି ସମୟେ ଜନମଠୁ ମୃତ୍ୟୁ
ମିଳନଠୁ ବିରହ ଦୁଃଖସୁଖ ସବୁରି ସମ୍ବେଦକ
ଏହି ସୁମନର ହାର
ସମସ୍ତଙ୍କ ପ୍ରିୟ ଅତି ଆଦରର
ଅତି ଅନ୍ତରର ଗରିବ ଧନୀ ସଭି ଜନର ।

ଜୟପୁର (କୋରାପୁଟ )

# ଦିଗବଳୟକୁ ଆଖି

ଆଶୁତୋଷ ମେହେର



ଏଇଠି ତ ଥିଲ ଲୁଚିଲ କେଉଁଠି
ଖୋଜି ମୁଁ ପାଉନି ସଖି,
ବାହୁନୁଛି ମନ ହୃଦୟରେ କୋହ
ଦିଗବଳୟକୁ ଆଖି.....।।୦।।

ପ୍ରେମେ ଉବୁଟୁବୁ କରି ଧରିଥିଲ
ସେନେହ ସାଗରେ ଛାଣି,
ମରମ ଭିତରେ କବିତା ଭରିଲ
ଆଖିର ଚାହାଣୀ ହାଣି,
ଛଟପଟ କରେ ସ୍ମୃତି ତୁମ ପ୍ରିୟେ
ଇନ୍ଦ୍ରଧନୁ ରଙ୍ଗ ମାଖି .....।।୧।।

ସପନ ବୁଣିଲ ବାହୁବନ୍ଧନରେ
ସୁର ତାଳ ଲୟ ମନେ,
ବଦଳାଇ ଦେଇ ଜାଗିର ସ୍ଥିତି ମୋ'
ପ୍ରେମିକ ବଣିଜ ଧନେ,
ଆଶା ଉଜାଗର ବଞ୍ଚିବାର ରାହା
ହୃଦେ ରହିଗଲା ଲାଖି.....।।୨।।

ବାଇଆ ମନଟା ତୁମ, ଖୋଜି ବୁଲେ
ମହକର ଧାର ଧରି,
ତୁମେ ନାହଁ ସିନା ଏବେ ଆଖେ ପାଖେ
ନିଶ୍ୱାସ ତ ହୁଏ ବାରି,
କାଳେ ମିଳିଯିବ ଚକ୍ରବାଳ ଦିଗେ
ଖୋଜି ବୁଲେ ଆଖି ଯୋଖି.....।।୩।।

୫୪, ଆର୍ଯ୍ୟପଲ୍ଲୀ
କିଟ ଛକ ପଟିଆ
ଭୁବନେଶ୍ୱର - ୭୫୧୦୨୪
ଦୂରଭାଷ – ୯୪୩୭୦୮୫୩୯୬

# ଲୁହ

ଶୁଭେନ୍ଦୁ ସାହୁ

ଦଲକାଏ ପବନ,
ଝରିପୋକଙ୍କ ଇତସ୍ତତ ବିଚରଣ
ଆକାଶର ଶ୍ୟାମଳ ରୂପ
ପତ୍ରମାନଙ୍କ ମର୍ମର ଶବ୍ଦ
ଆହା କି ମନୋରମ ଦୃଶ୍ୟ
ଆହାଃ କି ବିଚିତ୍ର ଶିହରଣ

ସତ୍ତା ହଜି ଯିବା ଭୟରେ ମୁଁ ଲୁଚେ
ଲୁଚିବାକୁ ଚେଷ୍ଟା କରେ
ହେଲେ ଲୁଚିବି କେଉଁଠି ?
ପତ୍ରମାନଙ୍କ ଉହାଡରେ କି
ପବନର ବାହୁ ଛାୟାରେ
ନା ଧୂଳିର ପିଠି ତଳେ
କେଉଁଠି କେଉଁଠି ?

କିଏ ଦେବ ଆଶ୍ରୟ ?
କିଏ ଦେବ ଅଭୟ?

ବର୍ଷା ଆସିଲେ କାହା କଥା ମନେପଡେ
ବର୍ଷା ଆସିଲେ କଣ ହୁଏ
କିଏ ସୁଖ ପାଏ
କିଏ ଖୁସି ହୁଏ
ହେଲେ ମୁଁ ଜାଣିଛି ବିରହ ବହ୍ନିର ଧାସରେ କାଠ
ହୋଇଯାଇଥିବା କୋହର ଧର୍ଯ୍ୟ ତୁଟେ

ମୁଁ ବାଟ ଖୋଜେ ବାହାରି ଯିବା ପାଇଁ
ନିସ୍ତରି ଯିବା ପାଇଁ
ତୁହାକୁ ତୁହା ବର୍ଷା କଚାଡି ଦେଉଥାଏ
ମୁଁ ଭିଜୁ ଥାଏ ହଜୁ ଥାଏ
ମୋ' ମନର ନିଭୃତ ଅନ୍ଧାର
କୋଠରୀ ଭିତରେ
ନିଜକୁ ଖୋଜୁଥାଏ ନିଜ ଭିତରେ ।

ଜଟଣୀ

# ଆମରି ସତ୍ୟ

Volume : I ◆ Issue : 4 ◆ April 2022



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ



ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ

AMARISATYA ଆମରିସତ୍ୟ Estd.: 2006 ODISHA

**M-1/5, M.P.Housing Board Colony**
**Post: P.N.College, Dist: Khordha, State: Odisha, Pin: 752057**
**+91-9437281655, Email : amarisatya@gmail.com**